## ଏମ୍‌କେସିଜି ନର୍ସିଂ ଅଫିସରଙ୍କ ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୨୭।୭:** ବିଭାଗୀୟ ବଦଳିକୁ ନେଇ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜ ଓ ହସ୍‌ପିଟାଲର ନର୍ସିଂ କଅଫିସରଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୁଧବାର ମେଡିକାଲର ବରିଷ୍ଠ ନର୍ସିଂ ଅଫିସର ଓ ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡାଣ୍ଟ ପକ୍ଷରୁ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭିନ୍ନ ୱାର୍ଡରେ କାର୍ଯ୍ୟରତ ନର୍ସିଂ ଅଫିସରଙ୍କୁ ବଦଳି ପରେ ଏହି ଅସନ୍ତୋଷ ଦେଖିବାକୁ ମିଳିଛି। ଅଧୀକ୍ଷକ ଉଦ୍ଦେଶ୍ୟମୂଳକ ଭାବେ ଏଭଳି କରୁଥିବା ବରିଷ୍ଠ ନର୍ସିଂ ଅଫିସରମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ନର୍ସିଂ ଅଫିସର ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡାଣ୍ଟ ଭାବେ ପଦୋନ୍ନତି ହେବା ପରେ ନିୟମ ପ୍ରକାରେ ସେମାନଙ୍କ ବଦଳି କରାଯାଇଛି ବୋଲି ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ପ୍ରତିକ୍ରିୟାରେ କହିଛନ୍ତି।

## ସଂକ୍ଷେପରେ

### ଡକାୟତି ମାମଲା ୧୦ ଅଭିଯୁକ୍ତଙ୍କୁ ଜେଲ

**ବ୍ରହ୍ମପୁର ଅଫିସ,୨୭।୭:** ବ୍ରହ୍ମପୁର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ୍) ଅନୁପମ ପାତ୍ର ବୁଧବାର ଏକ ଡକାୟତି ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିବାରୁ ସେ ୧୦ ଅଭିଯୁକ୍ତଙ୍କୁ ପ୍ରତ୍ୟେକ ୪ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରତ୍ୟେକ ୫ହଜାର ଲେଖାଏ ଟଙ୍କା ଜରିମାନା ଦେବାକୁ ମଧ ନିର୍ଦ୍ଦେଶ ରହିଛି। ସେହିପରି ଜରିମାନା ଅନାଦାୟ ପ୍ରତ୍ୟେକ ଅଭିଯୁକ୍ତ ଅତିରିକ୍ତ ୩ ମାସ ଲେଖାଏ ଜେଲ ଦଣ୍ଡରେ ଦଣ୍ଡିତ ହେବେ ବୋଲି ତାଙ୍କ ରାୟରେ ସେ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ହେଲେ ନିଳାଞ୍ଚଳ ପାତ୍ର , ବିକାଶ ଶତପଥୀ , ନିଲୁ ସ୍ୱାଇଁ, କାହ୍ନୁଆ ପାତ୍ର, ଚିକୁ ପାତ୍ର, ରାମ ଜେନା, ଉଦ୍ଧବ ଜେନା, ସୁଶାନ୍ତ ବେହେରା, ସତ୍ୟସ୍ୱରୂପ ଜେନା ଓ ଦେବାଶିଷ ଆଚାରୀ। ପ୍ରକାଶ ଯେ, ୨୦୨୦ ଅକ୍ଟୋବର ୧୫ରେ ବି. ବିଜୟ କୁମାର ଆଚାରୀ ଓ କେ. ଶିବ ପ୍ରସାଦ ଆଚାରୀ ବିଶାଖାପାଟଣା ଯିବା ପାଇଁ ଗୋପାଳପୁର ଜଙ୍କସନ ନିକଟ ଜାତୀୟ ରାଜପଥ କଡ଼ରେ ବସ୍‌କୁ ଅପେକ୍ଷା କରିଥିଲେ। ରାତି ପ୍ରାୟ ୧୧ ଟାରେ ୧୦ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ବିଜୟ ଓ ଶିବଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ସେମାନଙ୍କଠାରେ ଥିବା ଟଙ୍କା, ମୋବାଇଲ ଓ ବାଇକ୍ ଲୁଟି ନେଇଥିଲେ। ଏନେଇ ଉଭୟ ଆହତ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୭୧/୨୦ ରେ ଏକ ମାମଲା ରୁଜୁ କରିଥିଲା। ଉପରୋକ୍ତ ୧୦ ଜଣ ଲୁଟେରାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ସମସ୍ତ ୧୦ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳିବାରୁ ଏସିଜେଏମ୍ ଅଭିଯୁକ୍ତମାନଙ୍କୁ ଉପରୋକ୍ତ ଦଣ୍ଡାଦେଶରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଏପିପି ଭି. ପ୍ରସନ୍ନ କୁମାର ପାତ୍ର ସୂଚନା ଦେଇଛନ୍ତି।

### ବ୍ୟବସାୟୀଙ୍କ ଗଳିତ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୨୭।୭:** ବ୍ରହ୍ମପୁର ସଦର ଥାନା ପୋଲିସ ବୁଧବାର ଆଙ୍କୁଶପୁରରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଛି। ମୃତବ୍ୟକ୍ତି ଜଣଙ୍କ ସନ୍ତୋଷ ସାହୁ(୪୮)। ପୋଲିସ ନଂ.୪୧/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସ୍ତ୍ରୀ ଓ ଛୁଆଙ୍କଠାରୁ ଅଲଗା ହୋଇ ଏକାକୀ ରହୁଥିବା ସନ୍ତୋଷ କୌଣସି ପାରିବାରିକ ଅଶାନ୍ତିରୁ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, କୌଣସି କାରଣକୁ କେନ୍ଦ୍ରକରି ସନ୍ତୋଷଙ୍କଠାରୁ ତାଙ୍କ ସ୍ତ୍ରୀ ନମିତା ସାହୁ ଓ ପୁଅ ସୁନୀଲ କୁମାର ସାହୁ ଅଲଗା ହୋଇ ବ୍ରହ୍ମପୁରରେ ରହୁଥିଲେ। ସନ୍ତୋଷ ଆଙ୍କୁଶପୁରରେ ଥିବା ନିଜ ଘରେ ଏକାକୀ ରହୁଥିଲେ। ସେ ବ୍ୟବସାୟ କରି ଚଳୁଥିଲେ। ବୁଧବାର ସକାଳୁ ଉକ୍ତ ଘରୁ ଦୁର୍ଗନ୍ଧ ବାହାରୁଥିବାରୁ ସ୍ଥାନୀୟ ଲୋକ ପୋଲିସକୁ ଖବର କରିଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ କବାଟ ଖୋଲିଥିଲା। ଘର ଭିତରେ ସନ୍ତୋଷ ବେକରେ ରଶି ଲଗାଇ ଝୁଲୁଥିବା ଦେଖିବାକୁ ପାଇଥିଲା। ଗତ ୨/୩ ଦିନ ତଳୁ ସନ୍ତୋଷ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ତାଙ୍କ ପୁଅ ସୁନୀଲଙ୍କୁ ଉକ୍ତ ଘରକୁ ଆସିବା ପାଇଁ କହିଥିଲା। ସୁନୀଲ ପହଞ୍ଚି ବାପାଙ୍କ ମୃତଦେହ ଚିହ୍ନଟ କରିଥିଲା। ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ସୁନୀଲ ତାଙ୍କ ବାପାଙ୍କ ମୃତଦେହ ଗ୍ରହଣ କରିଥିବା ପୋଲିସ କହିଛି।

# ବିଜ୍ଞାନରେ ୯୪.୭୬%, ବାଣିଜ୍ୟରେ ୯୧.୦୬% ପାସ୍

## ଗଞ୍ଜାମ ଜିଲାରେ ଯୁକ୍ତ ୨ ପରୀକ୍ଷା ଫଳ

**ବ୍ରହ୍ମପୁର ଅଫିସ,୨୭।୭**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ଅପରାହ୍ନରେ ପ୍ରକାଶ ପାଇଛି। ଚଳିତବର୍ଷ ଗଞ୍ଜାମ ଜିଲାରେ ବିଜ୍ଞାନରେ ପାସ ହାର ୯୪.୭୬% ଓ ବାଣିଜ୍ୟରେ ପାସହାର ୯୧.୦୬% ରହିଥିବା ଦକ୍ଷିଣାଞ୍ଚଳ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପ ସଚିବ ଡ.କୁଳମଣି ଓଝା ସୂଚନା ଦେଇଛନ୍ତି।

ଜିଲାରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ନିମନ୍ତେ ୮,୧୪୩ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୮୦୨୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏଥିମଧ୍ୟରୁ ୭,୬୦୦ ଜଣ ପାସ ହୋଇଛନ୍ତି। ତନ୍ମଧ୍ୟରୁ ୫୧୨୭ ଜଣ ପ୍ରଥମ, ୧୭୦୨ ଜଣ ଦ୍ୱିତୀୟ, ୭୫୯ ଜଣ ତୃତୀୟ ଓ ୧୨ ଜଣ କମ୍ପାର୍ଟମେଣ୍ଟରେ ପାସ ହୋଇଛନ୍ତି। ଏଥିସହ ୮ ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଛନ୍ତି। ସେହିପରି ବାଣିଜ୍ୟ ପରୀକ୍ଷାରେ ୨୩୨୦ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୨୨୮୩ ଜଣ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ ୨୦୭୯ ଜଣ ପାସ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୨୧୪, ୪୧୮ ଜଣ ଦ୍ୱିତୀୟ, ୪୪୫ ଜଣ ତୃତୀୟ ଓ ୨ ଜଣ କମ୍ପାର୍ଟମେଣ୍ଟରେ ପାସ ହୋଇଛନ୍ତି। ଏଥିସହ ୯ ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଛନ୍ତି। ତେବେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ପରୀକ୍ଷା ଫଳାଫଳ ଭଲ ରହିଥିବା ଓଝା କହିଛନ୍ତି।

## ନୀଳକଣ୍ଠନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା



ନୀଳକଣ୍ଠ ନଗର ଉଚ୍ଚମାଧ୍ୟମିକ ବିଦ୍ୟାଳୟର କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ।

**ବ୍ରହ୍ମପୁର ଅଫିସ,**

**ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷା ଫଳ**

■ବିଜ୍ଞାନରେ ୯୦% ଉର୍ଦ୍ଧ୍ୱରେ ୧୧୨,ବାଣିଜ୍ୟରେ ୫୯ଜଣଙ୍କ ସଫଳତା

ଚଳିତ ବର୍ଷ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳରେ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ର ରାଜ୍ୟସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରି ପୂର୍ବ ୧୪ ବର୍ଷର ରେକର୍ଡ ବଜାୟ ରଖିଛନ୍ତି। ବିଦ୍ୟାଳୟର ମୋଟ ୫୦୯ ଛାତୀଛାତ୍ରଙ୍କ ମଧ୍ୟରୁ ୧୧୨ଜଣ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ପ୍ରଥମ ସ୍ଥାନରେ ୫୦୮ ଜଣ ଛାତ୍ରୀଛାତ୍ର ଓ ୨ୟ ସ୍ଥାନରେ ଜଣେ ଉତ୍ତୀର୍ଣ୍ଣ ହୋଇ ପୂର୍ବ ୧୪ ବର୍ଷର ସଫଳତା ରେକର୍ଡକୁ ବଜାୟ ରଖିଛନ୍ତି। ଶିକ୍ଷାନୁଷ୍ଠାନର ଛାତ୍ର ଶ୍ୟାମସୁନ୍ଦର ପରହି (୯୭%) ମୋଟ ୫୮୨ ନମ୍ବର ରଖି ପ୍ରଥମ ସ୍ଥାନ, ଦ୍ୱିତୀୟ ସ୍ଥାନରେ ତୁଷାର ରଞ୍ଜନ ପଣ୍ଡା ନମ୍ବର ୫୮୧(୯୬.୮୩%), ତୃତୀୟ ସ୍ଥାନରେ ମାନସ ବଳିଆରସିଂ ୫୭୧ ନମ୍ବର (୯୫.୧୭%), ଚତୁର୍ଥ ସ୍ଥାନରେ ଶିବାଙ୍ଗି ସୁବୁଦ୍ଧି, ପାୟଲ ବିଶ୍ୱାଳ ଓ ପ୍ରଦ୍ୟୁମ୍ନ କୁମାର ରାଉତ ୫୭୦ ନମ୍ବର (୯୫%), ପଞ୍ଚମ ସ୍ଥାନରେ ଅଙ୍କିତ ନାୟକ ୫୬୯ନମ୍ବର(୯୪.୮୩%)ରଖିଛନ୍ତି। ସେହିପରି ବାଣିଜ୍ୟରେ ମୋଟ ୧୨୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୯ ଜଣ ଛାତ୍ରୀଛାତ୍ର ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ପ୍ରଥମ ସ୍ଥାନରେ ୧୨୮ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ପୂର୍ବ ୧୦ ବର୍ଷର ସଫଳତା ରେକର୍ଡକୁ ବଜାୟ ରଖିଛନ୍ତି। ଶିକ୍ଷାନୁଷ୍ଠାନର ଶୁଭଶ୍ରୀ ପଟ୍ଟନାୟକ (୯୬.୮୩ %) ୫୮୧ ନମ୍ବର ରଖି ପ୍ରଥମ ସ୍ଥାନ, ଦ୍ୱିତୀୟ ସ୍ଥାନରେ ସାଗରିକା ସାହୁ ୫୭୯ ମାର୍କ (୯୬.୫%), ତୃତୀୟ ସ୍ଥାନରେ ଏସ୍. ଆଶିଷ ପାତ୍ର ୫୭୬(୯୬%), ଚତୁର୍ଥ ସ୍ଥାନରେ ବନ୍ଧି ହର୍ଷିତା ୫୭୦(୯୫%), ପଞ୍ଚମ ସ୍ଥାନରେ ସମୃଦ୍ଧି ପଣ୍ଡା ମୋଟ ୫୬୮ ମାର୍କ (୯୪.୬୭%) ରଖି ଅନୁଷ୍ଠାନର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ରାଜ୍ୟସ୍ତରୀୟ ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢୀ, ହରିକୃଷ୍ଣ ପାଢୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ, ମହାବିଦ୍ୟାଳୟ ଅଧ୍ୟକ୍ଷ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାଧବ ମହାନ୍ତିଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ସମସ୍ତ ଅଭିଭାବକଙ୍କ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ଡାକ୍ତର ହେବା ଲକ୍ଷ୍ୟ



ମୁଁ ୫୮୨(୯୭%) ମାର୍କ ରଖି ନୀଳକଣ୍ଠନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ହୋଇଛି। ପରୀକ୍ଷା ପାଇଁ ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ଗଣିତ ଓ ପଦାର୍ଥ ବିଜ୍ଞାନରେ ୧୦୦ ମାର୍କ ରଖିଛି। ଆଗାମୀ ଦିନରେ ଜଣେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛି। ମୋର ସମସ୍ତ ସଫଳତାର ଶ୍ରେୟ ପିତା ମାତା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଦେଉଛି।

**ଶ୍ୟାମ ସୁନ୍ଦର ପରହୀ**
**ଯୁକ୍ତ ୨ ବିଜ୍ଞାନ ଛାତ୍ର,**
**ନୀଳକଣ୍ଠନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

### ୧୨ ଘଣ୍ଟା ପରିଶ୍ରମର ଫଳ ପାଇଛି



ମୁଁ ୫୮୧ ମାର୍କ (୯୬.୮୩%) ରଖି ବିଦ୍ୟାଳୟରେ ପ୍ରଥମ ହୋଇଛି। ମୁଁ ବହୁତ ଖୁସି ଅଛି। ପରୀକ୍ଷା ପାଇଁ ମୁଁ ଦିନକୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ତାର ଫଳ ପାଇଛି। କୌଣସି ବିଷୟରେ ସନ୍ଦେହ ଥିଲେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ଦୂର କରୁଥିଲି। ମୋର ସମସ୍ତ ସଫଳତାର ଶ୍ରେୟ ମାତା, ପିତା ଓ ବିଦ୍ୟାଳୟର ଶିକ୍ଷୟତ୍ରୀ ଏବଂ ଶିକ୍ଷକଙ୍କୁ ଦେବି।

**ଶୁଭଶ୍ରୀ ପଟ୍ଟନାୟକ**
**ଯୁକ୍ତ ୨ ବାଣିଜ୍ୟ ଛାତ୍ରୀ,**
**ନୀଳକଣ୍ଠ ନଗର ଉଚ୍ଚ ମାଧମିକ ବିଦ୍ୟାଳୟ**

## ଗଜପତି, କନ୍ଧମାଳ ଜିଲାର ବିଜ୍ଞାନ, ବାଣିଜ୍ୟ ଫଳାଫଳ

**ବ୍ରହ୍ମପୁର ଅଫିସ,୨୭।୭**

ଗଜପତି ଜିଲାରେ ଯୁକ୍ତ ୨ ବିଜ୍ଞାନରେ ପାସ ହାର ୮୧.୭୫% ରହିଛି। ଚଳିତ ଥର ୭୩୧ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୭୦୭ ଜଣ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ ୫୭୮ ଜଣ ପାସ ହୋଇଛନ୍ତି। ଏଥିସହ ୧୬୦ ଜଣ ପ୍ରଥମ, ୨୨୭ ଜଣ ଦ୍ୱିତୀୟ ଓ ୧୮୭ ଜଣ ତୃତୀୟ ହୋଇଛନ୍ତି। ସେହିପରି ୪ ଜଣ କମ୍ପାର୍ଟମେଣ୍ଟରେ ପାସ ହୋଇଛନ୍ତି। ଏଥିସହ ୨ ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଛନ୍ତି। ସେହିଭଳି ବାଣିଜ୍ୟ ପରୀକ୍ଷାରେ ୯୦.୮୦% ପାସ ରହିଛି। ପରୀକ୍ଷା ପାଇଁ ୯୦ ଜଣ ଫର୍ମ ପୂରଣ କରିଥିବା ବେଳେ ୮୭ ଜଣ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ ୭୯ ଜଣ ପାସ ହୋଇଛନ୍ତି। ୨୧ ଜଣ ପ୍ରଥମ, ୨୪ ଜଣ ଦ୍ୱିତୀୟ ଓ ୩୪ ଜଣ ତୃତୀୟ ଶ୍ରେଣୀରେ ପାସ ହୋଇଛନ୍ତି। ସେହିଭଳି କନ୍ଧମାଳ ଜିଲାରେ ବିଜ୍ଞାନରେ ପାସ ହାର ୭୬.୮୧% ରହିଛି। ବିଜ୍ଞାନ ବିଭାଗରେ ପରୀକ୍ଷା ପାଇଁ ୫୦୭ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୪୮୩ ଜଣ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ ୩୭୧ ଜଣ ପାସ ହୋଇଥିଲେ। ତନ୍ମଧ୍ୟରୁ ୧୦୮ ଜଣ ପ୍ରଥମ, ୧୩୭ ଜଣ ଦ୍ୱିତୀୟ ଓ ୧୨୫ ଜଣ ତୃତୀୟ ଶ୍ରେଣୀ ଓ ଜଣେ କମ୍ପାର୍ଟମେଣ୍ଟରେ ପାସ ହୋଇଛନ୍ତି। ୨ ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଛନ୍ତି। ସେହିଭଳି ବାଣିଜ୍ୟରେ ପାସ ହାର ୮୨.୨୭% ରହିଛି। ୨୨୩ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ଏଥିମଧ୍ୟରୁ ୨୨୦ ଜଣ ପରୀକ୍ଷା ଦେଇଥିଲେ। ଏଥିରୁ ୧୮୧ ଜଣ ପାସ ହୋଇଛନ୍ତି। ତନ୍ମଧ୍ୟରୁ ୬୧ ଜଣ ପ୍ରଥମ, ୪୮ ଜଣ ଦ୍ୱିତୀୟ ଓ ୭୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ନିୟମିତ ଚାଲୁନି ଏସ୍କାଲେଟର, ବରିଷ୍ଠ ଓ ଦିବ୍ୟାଙ୍ଗ ହଇରାଣ

**ବ୍ରହ୍ମପୁର ଅଫିସ,୨୭।୭**

ଗଞ୍ଜାମ ଜିଲାର ବ୍ରହ୍ମପୁରରେ ରହିଛି ରେଳ ଷ୍ଟେଶନ। ଏହି ଷ୍ଟେଶନରୁ ଗଞ୍ଜାମ ଜିଲା ସମେତ ବାହାରକୁ ମଧ ଶହ ଶହ ଯାତ୍ରୀଙ୍କ ଯାତାୟାତ ଲାଗି ରହିଥାଏ। ଷ୍ଟେଶନରୁ ମିଳିଥିବା ତଥ୍ୟ ମୁତାବକ, ଏଠାରୁ ପ୍ରତ୍ୟହ ୫୦ରୁ ଉର୍ଦ୍ଧ୍ୱ ଟ୍ରେନ ଯାତାୟାତ କରିଥାଏ। ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୪ଟି ପ୍ଲାଟଫର୍ମ ପାଦ ଚଲା ବ୍ରିଜ ଓ ଲିଫ୍ଟର ବ୍ୟବସ୍ଥା କରାଯାଇଛି। ଏଥିସହ ୪ ନଂ.ରେ ଲିଫ୍ଟ ସାଙ୍ଗକୁ ଏସ୍କାଲେଟର ସୁବିଧା ରହିଛି। ଯାହାଦ୍ୱାରା ବହୁ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ଯାତ୍ରୀ ସହଜରେ ପ୍ଲାଟଫର୍ମକୁ ଯିବା ଆସିବା କରିପାରିବେ। ଏହି ଏସ୍କାଲେଟର ୨୦୧୯ ଅଗଷ୍ଟ ୪ରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଳ ମନ୍ତ୍ରୀ ମନୋଜ ସିହ୍ନାଙ୍କ ଦ୍ୱାରା ଭର୍ଚୁଆଲରେ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନର କିଛି ମାସ ପରୀକ୍ଷାମୂଳକ ଭାବେ ଚାଲିଥିଲା। କିନ୍ତୁ ଏହାପରେ କୋଭିଡ୍ କାରଣରୁ ଟ୍ରେନ ଚଳାଚଳ ନ ହେବାରୁ ଏହା ବନ୍ଦ କରାଯାଇଥିଲା। ସ୍ଥିତିରେ ସୁଧାର ଆସିବା ପରେ ଟ୍ରେନ ଚଳାଚଳ ହୋଇଥିଲେ ମଧ ଏହା କାର୍ଯ୍ୟକ୍ଷମ ହୋଇ ନ ଥିଲା। ଫଳରେ ଯାତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

ଏହାପରେ ବ୍ରହ୍ମପୁର ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏସ୍କାଲେଟରଟି ପୁନଃ କାର୍ଯ୍ୟକ୍ଷମ ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହା ଅନେକ ସମୟରେ ବନ୍ଦ ରହୁଥିବା ଯାତ୍ରୀ ଅଭିଯୋଗ କରିଛନ୍ତି। ଏପରିକି ଯିବା ଆସିବା ନିମନ୍ତେ ଏସ୍କାଲେଟରର ୨ଟି ପାହାଚ ମଧ୍ୟରୁ କେବଳ ଯିବା ନିମନ୍ତେ ଚାଲୁଥିବା ବେଳେ ଆସିବା ବେଳେ ବନ୍ଦ ରହୁଥିବା ଯାତ୍ରୀ କହିଛନ୍ତି। ଯାହାଦ୍ୱାରା ୪ନଂ ପ୍ଲାଟଫର୍ମରେ ଆସୁଥିବା ବହୁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଅନ୍ୟ ପଟକୁ ଯିବା ପାଇଁ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ଏହାକୁ ନିୟମିତ କାର୍ଯ୍ୟକ୍ଷମ କରିବାକୁ ଷ୍ଟେଶନ



ଷ୍ଟେଶନ ପରିସରରେ ଥିବା ଏସ୍କାଲେଟର।

### ବ୍ରହ୍ମପୁର ରେଳ ଷ୍ଟେଶନ

କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଉଛି, କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କ ସହ ଯୋଗାଯୋଗ ବେଳେ କହିଛନ୍ତି, ୪ ନଂ. ପ୍ଲାଟଫର୍ମରେ କେବଳ ଟ୍ରେନ ଆସିବା ସମୟରେ ହିଁ ଏସ୍କାଲେଟର ଚାଲୁଛି। ଟ୍ରେନ ନ ଆସିବା ସମୟରେ ଏହା ବନ୍ଦ ରହୁଥିବା ସେ କହିଛନ୍ତି। ଅନ୍ୟପଟେ ରେଳ ଷ୍ଟେଶନର ବିଦ୍ୟୁତ ବିଭାଗ ପକ୍ଷରୁ କୁହାଯାଇଛି, ଯାତ୍ରୀଙ୍କ ସଂଖ୍ୟା ଅନୁଯାୟୀ କେବଳ ୪ ନଂ. ପ୍ଲାଟଫର୍ମ ନିମନ୍ତେ ଗୋଟିଏ ଏସ୍କାଲେଟର ପ୍ରଯୁଜ୍ୟ ନୁହେଁ। ଯାହାଦ୍ୱାରା ଅନେକ ସମୟରେ ତ୍ରୁଟି ଯୋଗୁ ବନ୍ଦ ରହୁଛି। ଏଣୁ ଅନ୍ୟ ପ୍ଲାଟଫର୍ମରେ ମଧ ଏସ୍କାଲେଟରର ଆବଶ୍ୟକତା ରହିଛି। ଯାହା ଦ୍ୱାରା ଯାତ୍ରୀଙ୍କ ନିମନ୍ତେ ସହାୟକ ହୋଇପାରିବ।

# ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ

**ବ୍ରହ୍ମପୁର ଅଫିସ,୨୭।୭**

ଜଣୈକା ବିଧବାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଥିବା ବେଳେ ତାଙ୍କ ନାବାଳିକା ଝିଅଙ୍କୁ ଅସଦାଚରଣ ଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ସମୀର ପଣ୍ଡା (୩୧)। ସମୀରଙ୍କ ନାମରେ ଉକ୍ତ ଥାନାରେ ୪ରୁ ଉର୍ଦ୍ଧ୍ୱ ସଙ୍ଗିନ ମାମଲା ରହିଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ଅଭିଯୁକ୍ତଙ୍କଠାରୁ ପୋଲିସ ଦୁଇଟି ମୋବାଇଲ ଜବତ କରିଛି। ମାମଲା ନମ୍ବର ୧୮୧/୨୨ ରେ ସମୀରଙ୍କୁ ବୁଧବାର ପୋଲିସ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପରେ ମହିଳା ଜଣଙ୍କ ତାଙ୍କ ଝିଅ ଓ ପୁଅଙ୍କ ସହ ବାପଘରେ ରହୁଛନ୍ତି। ସେଠାରେ ସମୀର ମହିଳାଙ୍କୁ ଏକତରଫା ପ୍ରେମ କରୁଥିଲେ। ମହିଳା ଜଣଙ୍କ ଏହାର ପ୍ରତିବାଦ କରିଆସୁଥିଲେ। ମହିଳାଙ୍କର ଅଶ୍ଳୀଳ ଫଟୋ ଫେସ୍‌ବୁକ ଓ ଇନ୍‌ଷ୍ଟାଗ୍ରାମରେ ସମୀର ଭାଇରାଲ କରିଥିଲେ। ଏପରିକି ଉକ୍ତ ମହିଳାଙ୍କ ନାବାଳିକା ଝିଅ ସ୍କୁଲ ଯିବା ବେଳେ ସମୀର ତାଙ୍କୁ ଟଣାଓଟରା କରିଥିବା ନେଇ ମଧ ବଡବଜାର ଥାନାରେ ମହିଳା ଅଭିଯୋଗ କରିଛନ୍ତି। ସମୀରଙ୍କୁ ଏପରି କାହିଁକି କରୁଛ ବୋଲି ପଚାରିବାରୁ ସେ ମହିଳା ଓ ତାଙ୍କ ଝିଅଙ୍କୁ ଆକ୍ରମଣ କରିଥିଲେ। ସମୀର ମହିଳାଙ୍କ ମୋବାଇଲ ନେଇଯିବା ସହ ତାଙ୍କ ନାବାଳିକା ଝିଅଙ୍କୁ ଅପହରଣ କରି ନେଇଯିବାକୁ ଧମକ ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ସମୀରଙ୍କୁ ଗିରଫ କରିଥିବା କହିଛି।

### ଅଭିଯୁକ୍ତ କୋର୍ଟ ଚାଲାଣ



ଗିରଫ ଅଭିଯୁକ୍ତ ।

# ବାଇକ୍ ଚୋରି ଅଭିଯୋଗ: ଦୁଇ ଭାଇ ସମେତ ୩ ଗିରଫ

**ବ୍ରହ୍ମପୁର ଅଫିସ,୨୭।୭**

ବାଇକ ଚୋରି ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋସାଇଁନୂଆଗାଁ ରାଜୁଧୋବା ସାହିର ସନ୍ତୋଷ କୁମାର ପାଳ(୨୩), ଚଇ ଗଳିର ବିଶାଳ ଶର୍ମା(୨୨) ଓ ତାଙ୍କ ସାନ ଭାଇ ନିହାର ଶର୍ମା(୧୯)। କେସ ନଂ ୨୫୮/୨୨ରେ ପୋଲିସ ତିନି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ସୂଚନାପ୍ରକାରେ ସଦରଥାନା ଅନ୍ତର୍ଗତ ଜଗଦଳପୁରର କେ. ସୁଦାମ ପାତ୍ର ଗତ ୨୨ ତାରିଖରେ କମାପଲ୍ଲୀ ସ୍ଥିତ ନିଜ ଶ୍ୱଶୁର ଘରକୁ ଆସିଥିଲେ। ସୁଦାମ ବାଇକଟିକୁ ଶ୍ୱଶୁର ଘର ସମ୍ମୁଖରେ ରଖିଥିବା ବେଳେ ଚୋରି ହୋଇଯାଇଥିଲା। ସୁଦାମ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇ ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା ।

# ତାଲାବନ୍ଦ ଘରୁ ଚୋରି

**ବ୍ରହ୍ମପୁର ଅଫିସ,୨୭।୭**

ବ୍ରହ୍ମପୁର ସହର ଓ ତଳି ଅଞ୍ଚଳରେ ଏବେ ନିୟମିତ ବ୍ୟବଧାନରେ ଚୋରି ହେଉଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ହେଉଛି। ଏହିଧାରାରେ ଗତ ଦୁଇଦିନ ତଳେ ସଦର ଥାନା ଅନ୍ତର୍ଗତ ନୀଳାଞ୍ଚଳନଗର ୩ୟ ଲାଇନରେ ରହୁଥିବା ଅରୁଣ ମହାରଣାଙ୍କ ଘରେ ଲୁଟିଆ ଗ୍ୟାଙ୍ଗ କଳାକନା ବୁଲାଇଛନ୍ତି। ଅଭିଯୋଗ ପରେ ପୋଲିସ ଏ ସଂକ୍ରାନ୍ତରେ ୩୨୩/୨୨ ରେ ଏକ ମାମଲା ରୁଜୁ କରିଛି। ଲୁଟିଆ ଗ୍ୟାଙ୍ଗକୁ ଠାବ କରିବା ପାଇଁ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ପୋଲିସ ଏବେ ଯାଞ୍ଚ କରୁଛି। ପ୍ରକାଶ ଯେ, ଅରୁଣ ଗତ ୨୫ ତାରିଖ ରାତିରେ ଘର ତାଲା ପକାଇ ତାଙ୍କ ଶ୍ୱଶୁର ଘରକୁ ଚାଲିଯାଇଥିଲେ। ମଙ୍ଗଳବାର ସେ ଘରକୁ ଆସି ଦେଖିବା ବେଳେ ତାଙ୍କ ଗ୍ରୀଲ ତାଲା ଭଙ୍ଗା ଯାଇଥିଲା। ସେ ଘର ଭିତରକୁ ଯାଇ ଦେଖିବା ବେଳେ ତାଙ୍କ ଆଲମୀରା ଖୋଲା ରହିଛି। ସେଥିରେ ସେ ରଖିଥିବା ୩୫ ହଜାର ଟଙ୍କା ଓ କେତେକ ମୂଲ୍ୟବାନ ସାମଗ୍ରୀ ଗାଏବ ଥିଲା। ପରେ ଅରୁଣ ଏନେଇ ସଦର ଥାନାରେ ଲିଖିତ ଏତଲା ଦେଇଛନ୍ତି।

# ଓଡ଼ିଶା ଡେଭ୍‌ଲପମେଣ୍ଟ୍ ଫୋରମ୍‌ର ଆରଡିସିଙ୍କୁ ଦାବି ପତ୍ର

**ବ୍ରହ୍ମପୁର ଅଫିସ,୨୭।୭**

ବ୍ରହ୍ମପୁର ବଡ ଡାକ୍ତରଖାନାକୁ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା (ଏଆଇଆଇଏମ୍‌ଏସ୍) ଭଳି ଗଢି ତୋଳିବା ପାଇଁ ବୁଧବାର ଓଡ଼ିଶା ଡେଭଲପମେଣ୍ଟ ଫୋରମ ପକ୍ଷରୁ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ଟି. ଆଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଫୋରମ୍ ପକ୍ଷରୁ କୁହାଯାଇଛି, କଟକ ବଡ ମେଡିକାଲ ପାଇଁ ରାଜ୍ୟ ସରକାର ୩ ହଜାର କୋଟି ଟଙ୍କାର ବିକାଶ ଯୋଜନାକୁ କାର୍ଯ୍ୟକାରୀ କରୁଥିବା ବେଳେ ବ୍ରହ୍ମପୁର ଏମ୍‌କେସିଜିକୁ ଅବହେଳିତ କରାଯାଉଛି। ଏମ୍‌କେସିଜିର ନୂତନ କୋଠାରୁ ସିଲିଂ ଓ ବର୍ଷା ପାଣି ଝରି ସ୍ଥିତି ଶୋଚନୀୟ ହୋଇ ପଡୁଛି। ଏପରିକି ଇନ୍‌ଡୋର କୋଠାକୁ ୫ ବର୍ଷ ପୂର୍ବେ ଅସୁରକ୍ଷିତ ଘୋଷଣା କରାଯାଇଛି। ତଥାପି ଏହି କୋଠାର ପୁନରୁଦ୍ଧାର କ୍ଷେତ୍ରରେ ରାଜ୍ୟ ସରକାର କୌଣସି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏପରିକି ଡାକ୍ତରଖାନାରେ କାର୍ଡିଓଲୋଜି, ନେଫ୍ରୋଲୋଜି ଓ ବର୍ନ ୟୁନିଟ ଭଳି ଅନେକ ବିଭାଗକୁ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଏଥିସହ ହସ୍ପିଟାଲରେ ଥିବା ଆଇସିୟୁ କାର୍ଯ୍ୟ ସରିଥିଲେ ସୁଦ୍ଧା ଦୀର୍ଘ ୩ ବର୍ଷ ହେଲା କାର୍ଯ୍ୟକ୍ଷମ କରାଯାଇ ନ ଥିବା ଫୋରମ୍ ଅଭିଯୋଗ କରିଛି। ଦକ୍ଷିଣ ଓଡ଼ିଶାର ଏକ ମାତ୍ର ହସ୍ପିଟାଲ ଭାବେ ବ୍ରହ୍ମପୁର ବଡ ଡାକ୍ତରଖାନାର ବିଭିନ୍ନ ସ୍ଥିତି ସୁଧାରିବା ସହ ଏମ୍ସ ଭଳି ଡାକ୍ତରଖାନାରେ ପରିଣତ କରିବାକୁ ଫୋରମ୍ ଦାବି କରିଛି। ଏ ନେଇ ଆରଡିସି କହିଥିଲେ, ଉପରୋକ୍ତ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ଫୋରମ୍ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପାଢୀ, ଭି.ସୋମେଶ୍ୱର ରାଓ, ପ୍ରୀତିଶ ପାଣିଗ୍ରାହୀ, ସହ ସମ୍ପାଦକ ମାନସ ରଞ୍ଜନ ପାତ୍ର, କିରଣ କୁମାର ପଣ୍ଡା, ସନ୍ତୋଷ କୁମାର ସାହୁ, ରମେଶ ଚନ୍ଦ୍ର ସାହୁ ଓ ପ୍ରକାଶ ରଜାନିଙ୍କ ସମେତ ଫୋରମ୍‌ର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ଫୋରମ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଉଛି।

### ବ୍ରହ୍ମପୁର ବଡ ମେଡିକାଲ ସମସ୍ୟା

# ମହିଳା ବିଜୁ ଜନତା ଦଳର ଚାରାରୋପଣ




ଉପସ୍ଥିତ ବିଜେଡି ମହିଳା କର୍ମୀ ଓ ଅନ୍ୟମାନେ।

**ବ୍ରହ୍ମପୁର ଅଫିସ,୨୭।୭**

ବିଜୁ ଜନତା ଦଳ(ବିଜେଡି)ର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଗଞ୍ଜାମ ଜିଲା ମହିଳା ବିଜୁ ଜନତା ଦଳ ପକ୍ଷରୁ ବୁଧବାର ବିନାୟକ ଆଚାର୍ଯ୍ୟ ହାଇସ୍କୁଲଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ମେୟର ତଥା ଗଞ୍ଜାମ ଜିଲା ମହିଳା ସଭାନେତ୍ରୀ ଦଳାଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ଜୀବନ ବିନ୍ଦୁ ସଂଯୋଜକ ସୁବାସ ମହାରଣା, ମହାନଗର ବିଜେଡି ସଭାପତି ବିଜୟ ସାମଲ, ବିଜେଡି ଗଞ୍ଜାମ ଜୋନ୍ ମହିଳା ସଭାନେତ୍ରୀ ମମତା ବିଶୋୟୀ, ଜିଲା ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ କୁମାର ପୁଣ୍ଡା, ମହାନଗର ଯୁବ ବିଜେଡି ସଭାପତି ଅଜିତ କୁମାର ପଣ୍ଡା, ବ୍ରହ୍ମପୁର ମହାନଗର ବିଜେଡି ସଭାନେତ୍ରୀ ସୋନାଲି ଗନ୍ତାୟତ ଓ ସ୍ଥାନୀୟ କର୍ପୋରେଟରଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମଦ ଟଙ୍କାକୁ କେନ୍ଦ୍ରକରି ମାରପିଟ ଘଟଣା, ୬ କୋର୍ଟଚାଲାଣ

ଗୋପାଳପୁର,୨୭।୭(ଡି.ଏନ.ଏ.): ଏକ ବାରରେ ସୋମବାର ରାତିରେ ଆକ୍ରମଣ ଓ ପ୍ରତି ଆକ୍ରମଣ ଘଟଣାରେ ଗୋପାଳପୁର ଥାନା ପୋଲିସ ଦୁଇଟି ମାମଲାରେ ୬ ଜଣଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ଗୁମୁଳାର ଟୁନା ସେଠୀ, ପଲ୍ଲିଗୁମୁଳାର ଗୟାଧର ଗୌଡ଼, ଭୀମସେନ ପାତ୍ର, ଖୋଡ଼ାସିଙ୍ଗି ଅଞ୍ଚଳର ସଞ୍ଜୟ ପାତ୍ର, ଖୋଡ଼ାସିଙ୍ଗିର ଧୀରେନ୍ଦ୍ର ସେଠୀ ଓ ସୁରଜ ଦଳେଇ। ସେମାନଙ୍କଠାରୁ ଏକ କାର, ଭଙ୍ଗା ବିୟର ବୋତଲ ଓ ଗ୍ଲାସ ଜବତ କରିଥିବା ପ୍ରେସ୍ ବିଜ୍ଞପ୍ତିରେ ପୋଲିସ ସୂଚନା ଦେଇଛି। ସୂଚନାନୁସାରେ, ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ନିକଟସ୍ଥ ବାର୍‌ରେ ଅପରାଧି ଟୁନା ସେଠୀଙ୍କ ସମେତ ୫ ଜଣ ମଦ୍ୟପାନ କରିଥିଲେ ମଧ ଟଙ୍କା ଦେଇନଥିଲେ। ଏନେଇ ବାର କର୍ମଚାରୀ ଧୃରେନ୍ଦ୍ର ସେଠୀଙ୍କୁ ସେମାନଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନଦେଇ ସେମାନେ ମାଲିକଙ୍କ ଠାରୁ ଦାଦାବଟି ମାଗିଥିଲେ। ପରେ ଟୁନା ଓ ତାଙ୍କ ସହଯୋଗୀମାନେ ମିଶି ଧୀରେନ୍ଦ୍ରଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏଥିରେ ଅନ୍ୟ କର୍ମଚାରୀମାନେ ହସ୍ତକ୍ଷେପ କରିବାରୁ ସେମାନଙ୍କୁ ମଧ ସେମାନେ ମାରପିଟ କରିଥିଲେ। ଏ ନେଇ ଉଭୟ ପକ୍ଷରୁ ୧୪୧,୧୪୨/୨୨ରେ ପୋଲିସ ମାମଲା ରୁଜୁ କରିଥିଲା।

### ପୂର୍ବତନ ପାଣ ସମାଜ ସଭାପତିଙ୍କ ପରଲୋକ

ଫୁଲବାଣୀ ଅଫିସ, ୨୭।୭: ଫୁଲବାଣୀ ସହରର ଜଣାଶୁଣା ସାମାଜିକ କର୍ମୀ ତଥା ଜିଲା ପାଣ ସମାଜର ପୂର୍ବତନ ସଭାପତି ବ୍ରହ୍ମାନନ୍ଦ ବେହେରା(୮୦)ଙ୍କ ପରଲୋକ ଘଟିଛି। ବ୍ରହ୍ମାନନ୍ଦ ଗତ କିଛି ଦିନ ହେବ ଅସୁସ୍ଥ ହୋଇ ଡାକପାଲାସ୍ଥିତ ଘରେ ଥିଲେ। ତାଙ୍କ ମୃତ୍ୟୁରେ ଜିଲାର ବୁଦ୍ଧିଜୀବୀ, ରାଜନୈତିକ ଦଳ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ବ୍ରହ୍ମାନନ୍ଦ ଜଣେ ସରଳ, ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ସେହିପରି ସେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସଭାପତି ଭାବେ ମଧ କାମ କରିଛନ୍ତି।

### ଭୂସ୍ଖଳନ ଅଞ୍ଚଳ ପରିଦର୍ଶନ କଲେ ବିଜେଡି ଜିଲା ସଭାପତି

ନୂଆଗଡ଼,୨୭।୭-ଗଜପତି ଜିଲା ନୂଆଗଡ଼ ବ୍ଲକର ବିଭିନ୍ନ ଗ୍ରାମ ନିକଟ ପାହାଡ଼ରୁ ମାଟି, ପଥର, ଗଛ ଡାଳ ଧସି ଭୂସ୍ଖଳନ ହୋଇଛି। ଅନେକଙ୍କ ଘର, ଆସବାବ ପତ୍ର ଏବଂ ଅନେକ ଜିନିଷ ପତ୍ର କ୍ଷୟକ୍ଷତି ହେବାସହ ଚାଷ ଜମି ମାନଙ୍କରେ ଜଳମଗ୍ନ ହୋଇ ଫସଲ ସବୁ ନଷ୍ଟ ହୋଇଯାଇଛି। ଏହି ସମସ୍ତ ଗ୍ରାମ ପରିଦର୍ଶନ କରିଛନ୍ତି ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ। ପ୍ରଥମେ ପରିମଳ ଗ୍ରାମ ପଞ୍ଚାୟତର ନୂଆପଲ୍ଲୀ ଗ୍ରାମକୁ ଯାଇ କ୍ଷୟକ୍ଷତି ସ୍ଥାନ ବୁଲି ନିରୀକ୍ଷଣ କରିବା ସହ ଗ୍ରାମର ଲୋକମାନଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଗ୍ରାମରେ ଯାହା ସବୁ କ୍ଷୟକ୍ଷତି ହୋଇଛି ତ୍ୱରିତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ବିଭିନ୍ନ ଗ୍ରାମକୁ ଗସ୍ତକରି ସମସ୍ୟା ଅନୁଧ୍ୟାନ କରିଥିଲେ। ତାଙ୍କ ଗସ୍ତ ସମୟରେ ବିଜେଡିର ବରିଷ୍ଠ କର୍ମୀ ଅନ୍ତର୍ଯ୍ୟାମୀ ଗମାଙ୍ଗ, ରାୟଗଡ଼ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ନୂଆଗଡ଼ ବ୍ଲକ ଅଧକ୍ଷା ମାଳତୀ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଉମାଶଙ୍କର କାର୍ଜିଙ୍କ ସମେତ ଜିଲା ଏବଂ ବ୍ଲକର ଶତାଧିକ ବିଜେଡିର ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ।

### ପାଣିରେ ବୁଡ଼ି ନାବାଳିକା ମୃତ

ପୋଲସରା,୨୭।୭(ଡି.ଏନ.ଏ.)- ପୋଲସରା ଥାନା ପାଣ୍ଡିରିପଡ଼ା ପଞ୍ଚାୟତର ଅନ୍ଧାରୀ ଗ୍ରାମରେ ଏକ ପୋଖରୀରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ଜଣକ ସେହି ଗ୍ରାମର ସୁରେନ୍ଦ୍ର ଶବରଙ୍କ ଝିଅ ଅଗସ୍ତି ଶବର (୧୩)। ବୁଧବାର ସକାଳେ ଅଗସ୍ତି ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ପରେ ମୃତଦେହ ପାଣିରେ ଭାସିଥିଲା। ଗ୍ରାମବାସୀଙ୍କ ଖବର କ୍ରମେ ପୋଲସରା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲକୁ ପଠାଇଥିଲେ। ଏନେଇ ପୋଲସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ ସୂଚନା ଦେଇଛନ୍ତି। ପାଣ୍ଡିରିପଡ଼ା ସରପଞ୍ଚ ରଘୁନାଥ ଭୂୟାଁ ମୃତକ ପରିବାରଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଶହେ ଦିନ କାମ ଯୋଗାଇବାକୁ ଦାବିପତ୍ର

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ ନିର୍ମାଣରେ ବାଧା ସୃଷ୍ଟି



ଦାବିପତ୍ର ଦେବାକୁ ଆସିଥିବା ଜବ୍‌କାର୍ଡଧାରୀ, ସରପଞ୍ଚ ଓ ସମିତିସଭ୍ୟମାନେ।

ଛତ୍ରପୁର,୨୭।୭(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ ବଉଲଗାଁ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ପ୍ରକଳ୍ପ ନିର୍ମାଣରେ ବାଧା ସୃଷ୍ଟି ହେଉଛି। ସରପଞ୍ଚ ପ୍ରତିମା ଦାସ ଓ ସମିତିସଭ୍ୟ ରାମଚନ୍ଦ୍ର ପରିଡାଙ୍କ ନେତୃତ୍ୱରେ ବଉଲଗାଁ, ଦିବ୍ୟସିଂହପୁର, ନିମପଲ୍ଲୀ, ଭାଗିରଥିପୁର, ରକୁଣିଗାଁ ଓ ନନ୍ଦପଣ୍ଡାପଲ୍ଲୀର ଶତାଧିକ ଜବକାର୍ଡ ଧାରୀ ଶ୍ରମିକ ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଏ ନେଇ ଭାରପ୍ରାପ୍ତ ବିଡ଼ିଓ ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗରୀବ, ଖଟିଖିଆ ଓ ପ୍ରବାସୀ ଓଡ଼ିଆଙ୍କୁ ୧୦୦ ଦିନ ନିଶ୍ଚିତ କାମ ଯୋଗାଇବାକୁ ଯୋଜନା ପ୍ରଣୟନ କରିଛନ୍ତି। ଗତ କିଛିଦିନ ତଳେ ପଞ୍ଚାୟତର ବିଭିନ୍ନ ନିର୍ମାଣଧିନ ପ୍ରକଳ୍ପ ଗୁଡ଼ିକୁ ଜିଲା ପରିଷଦର ଏକ ଟିମ୍ ସମୀକ୍ଷା କରି କାମ ଠିକ୍ ଥିବା କହି କାମ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜଣେ ବ୍ୟକ୍ତି ନିଜର ରାଜନୈତିକ ଉଦ୍ଦେଶ୍ୟ ସାଧନ ନିମନ୍ତେ ଧମକ ଦେଇ କାମ ବନ୍ଦ କରୁଛନ୍ତି ବୋଲି ଜବକାର୍ଡଧାରୀ ଅଭିଯୋଗ କରିଛନ୍ତି। ଯାହାଫଳରେ ପଞ୍ଚାୟତର ଅନେକ ଉନ୍ନୟନମୂଳକ କାର୍ଯ୍ୟ ଅଧାପନ୍ତରିଆ ପଡ଼ିରହିଛି। ଏଥିସହ ପ୍ରବାସୀ ଶ୍ରମିକ, ଗରିବ ଶ୍ରେଣୀର ପରିବାର କାମ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗଗୁଡ଼ିକୁ ତଦନ୍ତ କରି ପ୍ରକଳ୍ପ ତ୍ୱରାନ୍ୱିତ କରିବା ପାଇଁ ଦାବି ହୋଇଛି। ନଚେତ ପଞ୍ଚାୟତର ସମସ୍ତ ଉନ୍ନୟନ କାର୍ଯ୍ୟ ବନ୍ଦ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ରଞ୍ଜନ ଦାସ, ପ୍ରିୟ ରଞ୍ଜନ ମିଶ୍ରଙ୍କ ସମେତ ଶତାଧିକ ଜବକାର୍ଡ ଧାରୀ ଶ୍ରମିକ ଉପସ୍ଥିତ ଥିଲେ।

# ନିଖୋଜ ନାବାଳିକା ବିଶାଖାପାଟଣାରୁ ଉଦ୍ଧାର

ପାରଳାଖେମୁଣ୍ଡି, ୨୭।୭(ଡି.ଏନ୍.ଏ)

ଗଜପତି ଜିଲା ଅଡ଼ବା ଥାନା ଦମାଦୁଆ ଗ୍ରାମର ଜଣେ ନାବାଳିକା ନିଖୋଜ ନେଇ ଥାନାରେ ମେ ୧୮ ତାରିଖରେ ଅଭିଯୋଗ କରିଥିଲେ ନାବାଳିକାଙ୍କ ମାଆ। ତାଙ୍କ ଅଭିଯୋଗ ପରେ ଅଡବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ବହୁ ସ୍ଥାନରେ ଖୋଜାଖୋଜି କରାଯିବା ପରେ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଶାଖାପାଟଣାରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଜଣେ ବିଧବା ମହିଳାଙ୍କ ଘରୁ ତାଙ୍କୁ ଉଦ୍ଧାର କରାଯାଇଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ ଅଡବା ଥାନା ଦମାଦୁଆ ଗ୍ରାମର ନାବାଳିକା ଅପହରଣ ନେଇ ପ୍ରଥମେ ବାପା ଗତ ମେ ୬ତାରିଖରେ ଅଭିଯୋଗ କରିଥିଲେ। ଅଡବା ପୁଲିସ ତନାଘନା କରି ନାବାଳିକାକୁ ଉଦ୍ଧାର କରିବା ସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାର କିଛିଦିନ ପରେ ପୁଣି ନାବାଳିକା ନିଖୋଜ ନେଇ ମାଆ ମେ ୧୮ ତାରିଖରେ ଅଡବା ଥାନାରେ ଅଭିଯୋଗ କରିଥିଲେ। ଝିଅର ସନ୍ଧାନ ମିଳିବା ବିଳମ୍ବ ହେବାରୁ ମୋହନା ଆଦିବାସୀ ସୁରକ୍ଷା ମଞ୍ଚର ସହଯୋଗରେ ମୋହନା ବିଜୁ କଲ୍ୟାଣ ମଣ୍ଡପ ଠାରେ ରା.ଉଦୟଗିରି ଏସ୍‌ଡିପିଓ ଦିଲୀପ କୁମାର ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ଖୋଜାଖୋଜି କରି ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ନାବାଳିକାଙ୍କୁ ଉଦ୍ଧାର କରିଛି। ତା'ର ଡାକ୍ତରୀମାଇନା କରାଯିବା ପରେ ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ପାତ୍ର କହିଛନ୍ତି। ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ଅଡବା ଥାନା ଏସଆଇ ଜୟକୃଷ୍ଣ ପାଣିଗ୍ରାହୀ, ଏସଆଇ, ଭାଗ୍ୟଲତା ଦାଶ, ଚାଇଲଡ୍ ଲାଇନର କର୍ମଚାରୀ ଅନିତା ନାୟକ, ନାବାଳିକାର ବାପା ଆନ୍ଧ୍ରପ୍ରଦେଶ ଗସ୍ତ କରିଥିଲେ।

# ଶୌଚାଳୟ ପଛପଟେ ଶିଶୁ ମୃତଦେହ

ଛତ୍ରପୁର,୨୭।୭(ଡି.ଏନ.ଏ)

ଛତ୍ରପୁର ଶୌଚାଳୟ ପଛପଟେ ନବଜାତ ଶିଶୁ ମୃତଦେହ ପଡିଥିବା ବୁଧବାର ଦେଖିବାକୁ ମିଳିଛି। ଏନେଇ ସ୍ୱାସ୍ଥ୍ୟ, ଶିଶୁ ବିଭାଗକୁ ଖବର ଦିଆଯାଇଥିଲା। ୫ ଘଣ୍ଟା ପରେ ବି ଘଟଣାସ୍ଥଳରେ କେହି ପହଞ୍ଚି ନଥିଲେ। ପରେ ଏନଏସି କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ।

# ଭାଜପାର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ପାତ୍ରପୁର ୨୭।୭(ଡି.ଏନ.ଏ.)– ପାତ୍ରପୁର ବ୍ଲକ ସୁରଙ୍ଗୀ ମଣ୍ଡଳର ଭାଜପା କର୍ମକର୍ତ୍ତାଙ୍କ କାର୍ଯ୍ୟକାରିଣୀ ବୈଠକ ତୁରୁବୁଡି ପଞ୍ଚାୟତ ବାଉଳିଆ ଗ୍ରାମ କୋଠାଘରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗଞ୍ଜାମ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନା ଉପସ୍ଥିତ ରହିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇଥିଲେ। ଏଥିସହ ସୁରଙ୍ଗୀ ମଣ୍ଡଳ ସଭାପତି ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଜୋନର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ। ପାତ୍ରପୁର ବ୍ଲକ ଅଧକ୍ଷା ୱାଇ ସଂଯୁକ୍ତା ରେଡ୍ଡୀ ଗଞ୍ଜାମ ଜିଲାର ଉପ ସଭାପତି ୱାଇ ମୋହନ ରାଓ ସାଧାରଣ ସମ୍ପାଦକ ପ୍ରଭାତ ଷଡଙ୍ଗୀ ବିଧାନସଭା ସଂଯୋଜକ ଆପନା ପ୍ରଧାନ ଏବଂ ଅଞ୍ଚଳର ସମସ୍ତ କର୍ମକର୍ତ୍ତାମାନଙ୍କ ଉପସ୍ଥିତରେ ରାଜନୈତିକ ଚିଠା ଆଗତ କରାଯାଇଥିଲା।

କେନ୍ଦ୍ର ସରକାରଙ୍କ ଯୋଜନାକୁ ଚଞ୍ଚକତା କରି ରାଜ୍ୟ ସରକାର ବାଟମାରଣା କରୁଥିବା ଅଭିଯୋଗ ଆଣିଛନ୍ତି ଦଳୀୟ କର୍ମକର୍ତ୍ତା। ଦଳୀୟ ନୀତି ଅନୁଯାୟୀ ସମସ୍ତ ଲୋକଙ୍କ ସେବା କରି ଯେପରି ୨୦୨୪ ଆଗାମୀ ନିର୍ବାଚନ ଟିକିଟିରେ ଯେପରି ଭାଜପା ସମର୍ଥିତ ପ୍ରାଥୀ ବିଜୟ ହେବେ ତାହାରି ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣ ସାହୁ, ଲଳିତା ପ୍ରଧାନଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ମୁଖ୍ୟ ଅଭିଯୁକ୍ତ ଚିହ୍ନଟ, ଜଣେ କୋର୍ଟଚାଲାଣ

## ଦନ୍ତାହାତୀ ମୃତ୍ୟୁ ଘଟଣା




ଜଗନ୍ନାଥପ୍ରସାଦ,୨୭।୭(ଡି.ଏନ୍.ଏ.)

ଜଗନ୍ନାଥପ୍ରସାଦ ବନାଞ୍ଚଳ ଅନ୍ତର୍ଗତ କନ୍ଧନୂଆପଲ୍ଲୀ ଗ୍ରାମ କାଜୁଜଙ୍ଗଲରେ ବିଦ୍ୟୁତ ତାର ବିଛାଇ ଗୋଟିଏ ଦନ୍ତାହାତୀକୁ ହତ୍ୟା କରି ତା'ର ଦାନ୍ତ କାଟିନେବା ଘଟଣାରେ ବନବିଭାଗ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସମ୍ପର୍କରେ ସୁରାକ ପାଇଛି। ମୁଖ୍ୟ ଅଭିଯୁକ୍ତ ବୁଗୁଡ଼ା ଥାନା ଅଧୀନ ବିଷ୍ଣୁଚକ୍ର ଗ୍ରାମର ହାଡିବନ୍ଧୁ ଜେନା ବୋଲି ବନବିଭାଗ ଚିହ୍ନଟ କରିଛି। ପ୍ରାୟ ଚାରିଦିନ ଧରି ନାରାୟଣଙ୍କୁ ଅଟକ ରଖି ପଚରା ଉଚରା କରିବା ପରେ ସେ ସତ ଉଗାଳିଛନ୍ତି ଓ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ପ୍ରାୟ ଗତ ଆଠମାସ ହେଲା ମା ସନ୍ତୋଷୀ କଲେଜ ଠାରେ ଭଡ଼ାରେ ରହୁଥିଲେ ହାଡ଼ିବନ୍ଧୁ। ବନ୍ୟଜନ୍ତୁ ଶିକାର କରି ତାର ମୁଖ୍ୟ ସହଯୋଗୀ କନ୍ଧନୂଆପଲ୍ଲୀ ଗ୍ରାମର ନାରାୟଣ ରାଉତଙ୍କ ଦ୍ୱାରା ସୀମାନ୍ତ ଜିଲା ନୟାଗଡ ଅଞ୍ଚଳକୁ ପଠାଉଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟୁତ ତାର ବିଛାଇ ଦନ୍ତା ହାତୀକୁ ହତ୍ୟା କରିଥିଲେ। ଗତ ୧୮ ତାରିଖ ଭୋରୁ ଅଭିଯୁକ୍ତ ହାଡିବନ୍ଧୁ ନାରାୟଣଙ୍କ ଘରେ ପହଞ୍ଚି ତାଙ୍କୁ ଡାକି ଆଣିଥିଲେ। ପରେ କରତ, ଛୁରି ଧରି ଦୁହେଁ କାଜୁ ଜଙ୍ଗଲରେ ପଶି ମୃତ ଦନ୍ତାହାତୀ ପାଖରେ ପହଞ୍ଚି ଗୋଟିଏ ଦାନ୍ତ କାଟିଥିଲେ। ମୃତଦନ୍ତାକୁ ଲେଉଟାଇ ନପାରିବାରୁ ଅନ୍ୟ ଦାନ୍ତଟିକୁ କାଟିନପାରି ଛାଡିଦେଇ ପଳାଇ ଆସିଥିଲେ। ନାରାୟଣ ନିତ୍ୟକର୍ମ ସାରି ଦୁଇଘଣ୍ଟା ପରେ ପୁଣି ହାଡ଼ିବନ୍ଧୁଙ୍କୁ ଭେଟିବାକୁ ଆସିଥିଲେ। ସେତେବେଳକୁ ଘର ଚାବି ପକାଇ ହାଡ଼ିବନ୍ଧୁ ଫେରାର ହୋଇଯାଇଥିଲେ ବୋଲି ଉତ୍ତର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କ ଆଗରେ ଜେରା ବେଳେ ନାରାୟଣ କହିଛନ୍ତି। ନାରାୟଣ ନାମରେ ମାମଲା ନମ୍ବର ୧୨୭/୨୨–୨୩ ପ୍ରକାରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁସାରେ କୋର୍ଟ ଚାଲାଣ କରାଯାଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ହାଡ଼ିବନ୍ଧୁକୁ ଗିରଫ କରିବା ସହିତ କଟାଦାନ୍ତ ଉଦ୍ଧାର ପାଇଁ ବନବିଭାଗ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଜଣାପଡିଛି।

# ପାଚିକା ସହାୟିକା ସଂଘର ବୈଠକ



ଉପସ୍ଥିତ ପାଚିକା ସହାୟିକା ସଂଘର କର୍ମକର୍ତ୍ତା ଓ ସଦସ୍ୟା।

ପୋଲସରା,୨୭।୭(ଡି.ଏନ.ଏ.)

ପୋଲସରା ସହରର ମା' ରତନୀ ଠାକୁରାଣୀ ମନ୍ଦିର ପରିସରରେ ବ୍ଲକ ଓ ଏନ୍‌ଏସି ପାଚିକା ସହାୟିକା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରମୋଦ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଦୈନିକ ୪୬ଟଙ୍କା ମଜୁରିରେ କାମ କରୁଥିବା ସହାୟିକାମାନେ ନିଜ ପରିବାର ଚଳେଇବା ଦୁର୍ବିସହ ହୋଇପଡିଛି। ତେଣୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ସହିତ କରୋନା ମହାମାରୀ ସମୟରେ ସରକାରୀ ସହାୟତାରୁ ବଞ୍ଚିତ କରାଯାଇଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଭୂୟାଁ ସଙ୍ଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂଘର ମୁଖ୍ୟ ଉପଦେଷ୍ଟା ସତ୍ୟବାନ ପ୍ରଧାନ ସଂଯୋଜନା କରିଥିବା ବେଳେ ସମ୍ପାଦିକା ସସ୍ମିତା ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘର ଅନ୍ୟତମ ଉପଦେଷ୍ଟା ଶଙ୍କର ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପା ଗ୍ରାମୀଣ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ଜି.ଉଦୟଗିରି,୨୭।୭(ଡି.ଏନ.ଏ.)

କନ୍ଧମାଳ ଜିଲା ଜି.ଉଦୟଗିରି ଭାଜପା ଗ୍ରାମୀଣ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ନୂଆ ହାଟପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ମଣ୍ଡଳ ସଭାପତି ମାୟା ବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ଜିଲା ସମ୍ପାଦକ ଜ୍ଞାନ ଚନ୍ଦ୍ର ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ନାରୀନେତ୍ରୀ ସଭ୍ୟଭାମା ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ଖଗେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ସହିତ ତୃଣମୂଳ ସ୍ତରରୁ ଦଳକୁ ମଜଭୂତ କରିବା ସହିତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଅମୃତ ମହୋତ୍ସବ ପାଳନ ପୂର୍ବକ ପ୍ରତି ଘରେ ତ୍ରିରଙ୍ଗା ଉଡ଼େଇବାକୁ ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନକୁ ପୂରା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

# ଟେଲର ଶ୍ରମିକଙ୍କୁ ସରକାର କାମ ଯୋଗାଇ ଦିଅନ୍ତୁ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ଫୁଲବାଣୀ ଅଫିସ/ଟିକାବାଲି, ୨୭।୭

ଟିକାବାଲି ବସ୍‌ଷ୍ଟାଣ୍ଡ ପାଖ ଏକ କଲ୍ୟାଣ ମଣ୍ଡପରେ ଅଲ ଓଡିଶା ଟେଲର ଶ୍ରମିକ ଆସୋସିଏଶନର ୭ମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ନବ ନିର୍ମାଣ କୃଷକ ସଂଘ ରାଜ୍ୟ ସଭାପତି ଶେଷଦେବ ନନ୍ଦ ଯୋଗଦେଇ ଟେଲରମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ରାଜ୍ୟ ବାହାର ଗୁଜରାଟ, ଦିଲ୍ଲୀ ଆମ ପିଲା ଯାଇ ଟେଲରିଂ କାମ କରୁଛନ୍ତି। କିନ୍ତୁ ଆମ ସରକାର ଭିତ୍ତିଭୂମି ଆଜି ପର୍ଯ୍ୟନ୍ତ ଯୋଗାଇ ପାରିନାହାନ୍ତି। ଆମର ସୂତା କଳ ଓଟିଏମ୍, ଶାରଳା ସୂତାକଳ ଆଦି ଆହୁରି କେତେ ମିଲ ବନ୍ଦ କରି ଦିଆଯାଇଛି। ସରକାର ଏମାନଙ୍କୁ କୁଶଳୀ ଶ୍ରେଣୀରେ ସାମିଲ କରି କାର୍ଯ୍ୟ ଯୋଗାଇ ଦିଅନ୍ତୁ ବୋଲି ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବେ ରାଜ୍ୟ ଗୁରୁ ପ୍ରତାପ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ସଂଘ ରାଜ୍ୟ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ବିନ୍ଧାଣୀରତ୍ନ, ରାଜ୍ୟ କୋଷାଧ୍ୟକ୍ଷ ମହମ୍ମଦ ୟୁସୁଫ ଜମାଲ, ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଟେଲର ମାନଙ୍କୁ କୁଶଳୀ ଶ୍ରମିକ ମାନ୍ୟତା ପ୍ରଦାନ କରିବା, ପ୍ରତ୍ୟେକ ବ୍ଲକରେ ନୂତନ ପ୍ରଣାଳୀରେ ତାଲିମ ଦେବା, ସରକାରୀ ସ୍ତରରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯୋଗାଇ ଦିଆଯାଉଥିବା ପୋଷାକ କାମ ସଂଘ ମାଧ୍ୟମରେ ପ୍ରଦାନ କରିବା, ମାସିକ ୫ ହଜାର ଟଂକା ଆର୍ଥିକ ସହାୟତା ପ୍ରଦାନ କରିବା, ପିଲାଙ୍କ ପଢ଼ିବା ପାଇଁ ଆର୍ଥି ସହାୟତା ଦେବା ଉପରେ ଆଲୋକପାତ କରିବା ସହ ସରକାର ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବାକୁ ଦାବି କରିଥିଲେ।


## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

ପ୍ରଥମ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍–୫, ଭୁବନେଶ୍ୱର

### ରାଜ୍ୟ ହସ୍ତଶିଳ୍ପ ପୁରସ୍କାର – ୨୦୨୧

No. PP-26: ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରି କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ରାଜ୍ୟ ସରକାର **ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଓ 'ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର'** ପ୍ରଦାନ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୨୧ ବର୍ଷ ପାଇଁ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ଆବେଦନ ପ୍ରଣାଳୀ:**

**୧. ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର (Life Time Achievement Award)**

ରାଜ୍ୟ ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ପ୍ରତି ବର୍ଷ ଏକ ଜଣଙ୍କୁ ତାଙ୍କର ହସ୍ତଶିଳ୍ପ ବିକାଶରେ ଅନବଦ୍ୟ ଅବଦାନ ପାଇଁ ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର ପ୍ରଦାନ କରାଯାଏ। ଏଥିନିମନ୍ତେ ଯୋଗ୍ୟ ହସ୍ତଶିଳ୍ପୀ ପ୍ରାର୍ଥୀମାନଙ୍କଠାରୁ ୨୦୨୧ ମସିହାର ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।

ଏହି ପୁରସ୍କାର ପାଇଁ ଯୋଗ୍ୟ ହସ୍ତଶିଳ୍ପ କାରିଗରମାନେ ସେମାନଙ୍କ ତଥ୍ୟ ସହ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ସମ୍ପୃକ୍ତ ଜିଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ତା୨୬।୧୦।୨୦୨୨ରିଖ ସୁଦ୍ଧା ଆବେଦନ କରିବାକୁ ଅନୁରୋଧ।

**ପ୍ରାର୍ଥୀଙ୍କ ଯୋଗ୍ୟତା:**

୧) ଓଡ଼ିଶାର କାରିଗର ହୋଇଥିବେ
୨) ବୟସ ସୀମା: ସର୍ବନିମ୍ନ ବୟସ ସୀମା ୬୦ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ।

ପୁରସ୍କାର ରାଶି: ଟ.୫,୦୦,୦୦୦ଙ୍କା (ପାଞ୍ଚ ଲକ୍ଷ ଟଙ୍କା) ସହିତ ମାନପତ୍ର।

**୨. ରାଜ୍ୟ ହସ୍ତଶିଳ୍ପ ପୁରସ୍କାର (State Handicraft Awards)**

ଇଚ୍ଛୁକ ହସ୍ତଶିଳ୍ପୀମାନେ ଉକ୍ତ ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସହ ନିଜର କଳାକୃତି ନମୁନା ଓ ତତ୍ ସମ୍ବନ୍ଧୀୟ ସମସ୍ତ ପ୍ରମାଣ ପତ୍ର ଓ ସ୍ୱହସ୍ତ ନିର୍ମିତ କଳାକୃତିର ଫଟୋ (8" × 10")ର ଦୁଇକିତା ନକଲ ଜିଲ୍ଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୨୬।୧୦।୨୦୨୨ ମଧ୍ୟରେ ଦାଖଲ କରିବା ଆବଶ୍ୟକ।

**ଯୋଗ୍ୟତା:**

୧) ପ୍ରାର୍ଥୀ ଓଡ଼ିଶାର କାରିଗର ହୋଇଥିବେ।
୨) ସର୍ବନିମ୍ନ ବୟସ ସୀମା ୩୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବ।
୩) ପୂର୍ବରୁ କୌଣସି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇ ନ ଥିବେ।
୪) କୌଣସି ଏକ ପ୍ରତିକୃତି ଥରେ ପ୍ରଦାନ କରାଯାଇଥିଲେ, ଦ୍ୱିତୀୟ ଥର ତାହା ଅନ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ଗ୍ରହଣ କରାଯିବ ନାହିଁ।
୫) ଚୟନ ପ୍ରକ୍ରିୟା – ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ୫୦ ଗୋଟି ହସ୍ତଶିଳ୍ପକୁ ୨ ଭାଗରେ ବିଭକ୍ତ କରାଯାଇଛି।
କ) ବିଭାଗ – ପଥର ଖୋଦେଇ, କାଠ ଖୋଦେଇ, ପଟ୍ଟ ଓ ଟସର ଚିତ୍ର, ରୁପା ତାରକସି କାମ ଓ ତାଳପତ୍ର ଖୋଦେଇ।
ଖ) ବିଭାଗ – କ ବିଭାଗରେ ବର୍ଣ୍ଣିତ ହସ୍ତଶିଳ୍ପ ବ୍ୟତୀତ ଅବଶିଷ୍ଟ ୪୫ଗୋଟି ହସ୍ତଶିଳ୍ପ।
'କ' ବିଭାଗରୁ ୩ଟି ହସ୍ତଶିଳ୍ପ ପ୍ରତିକୃତି ଓ 'ଖ' ବିଭାଗରୁ ୩ଟି ହସ୍ତଶିଳ୍ପ ପ୍ରତିକୃତି ଚୟନ ମଣ୍ଡଳୀ ଦ୍ୱାରା ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ବଛାଯାଇ ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ।

**ପୁରସ୍କାର ରାଶି: ଟ.୧,୦୦,୦୦୦ଙ୍କା (ଏକ ଲକ୍ଷ ଟଙ୍କା) ସହିତ ପ୍ରମାଣ ପତ୍ର।**

**୩. କଳାକୃତି ପୁରସ୍କାର (Kalakruti Award)**

ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ଆବେଦନ କରିଥିବା ପ୍ରତିକୃତିମାନଙ୍କ ମଧ୍ୟରୁ ୨ଗୋଟି 'କ' ବିଭାଗରୁ ଓ ୨ଗୋଟି 'ଖ' ବିଭାଗରୁ କଳାକୃତି ପୁରସ୍କାର ନିମନ୍ତେ ଚୟନ କରାଯିବ।

**ଯୋଗ୍ୟତା: ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ସହ ସମାନ।**

**ପୁରସ୍କାର ରାଶି: ଟ.୧୦,୦୦୦ଙ୍କା (ଦଶ ହଜାର ଟଙ୍କା) ସହିତ ପ୍ରମାଣ ପତ୍ର।**

**ବି.ଦ୍ର.:** ଉପରୋକ୍ତ ପୁରସ୍କାର ଯୋଜନାରେ ଅଂଶ ଗ୍ରହଣ ପାଇଁ ଦରଖାସ୍ତ କରିବାର ଆବଶ୍ୟକ ଆବେଦନ ଫର୍ମ ଓ ସବିଶେଷ ତଥ୍ୟ ସମ୍ପୃକ୍ତ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ମିଳିପାରିବ। ଅସମ୍ପୂର୍ଣ୍ଣ ଥିବା ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

OIPR-31034/11/0013/2223 ସ୍ୱା./– ନିର୍ଦ୍ଦେଶକ, ହସ୍ତଶିଳ୍ପ, ଓଡ଼ିଶା

## ସଂକ୍ଷେପରେ

### ଆମରଣ ଅନଶନ କରିବେ ଅବସରପ୍ରାପ୍ତ ଯବାନ

ଫୁଲବାଣୀ ଅଫିସ, ୨୭।୭: ଫୁଲବାଣୀ ସହରର ଅବସରପ୍ରାପ୍ତ ଯବାନ ପ୍ରଦୀପ ପଟ୍ଟନାୟକଙ୍କୁ ନ୍ୟାୟ ମିଳୁନି। ନିଜର ସମ୍ପତ୍ତି ପାଇବା ପାଇଁ ୪ ବର୍ଷ ହେଲା ପ୍ରଶାସନ ପାଖରୁ ସେ ନିରାଶ ହୋଇ ଆସୁଛନ୍ତି। ତେଣୁ ସେ ଆସନ୍ତା ଅଗଷ୍ଟ ୧୫ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଫୁଲବାଣୀ ପ୍ରେସ୍ କ୍ଲବରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ ସୂଚନା ଦେଇଛନ୍ତି। ଭାରତୀୟ ସେନାରେ ପ୍ରଦୀପ ୨୮ ବର୍ଷ କାର୍ଯ୍ୟ କରିଛନ୍ତି। ଅବସର ନେଇ ଘରକୁ ଫେରିବା ପରେ ତାଙ୍କୁ ପରିବାର ପକ୍ଷରୁ ପ୍ରତାରଣା କରାଯାଇଛି। ତାଙ୍କୁ ପୈତୃକ ସମ୍ପତ୍ତିରୁ ବଞ୍ଚିତ କରାଯାଇଛି। ବାପା ମା'ଙ୍କର ବୟସ ଅଧିକ ହେଲାଣି। ତାଙ୍କର ମାନସିକ ସ୍ଥିରତା ରହୁନାହିଁ। ଏହାର ସୁଯୋଗ ନେଇ ତାଙ୍କ ଭାଇ ସବୁ ସମ୍ପତ୍ତି ତାଙ୍କ ନାମରେ କରି ନେଇଛନ୍ତି। ପ୍ରଦୀପ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଯଦି ଅଗଷ୍ଟ ୧୫ ସୁଦ୍ଧା ନ୍ୟାୟ ନ ମିଳିବ, ତାହାଲେ ଆମରଣ ଅନଶନରେ ବସିବେ ବୋଲି ସେ ପ୍ରକାଶ କରିଛନ୍ତି।

### କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡେଙ୍ଗୁ ସଚେତନତା ପ୍ରହସନ

କାଶୀନଗର,୨୭।୭:ଗଜପତି ଜିଲା କାଶୀନଗରଠାରେ ବହୁ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏଠାରେ କୌଣସି ସ୍ପେଶାଲିଷ୍ଟ ଡାକ୍ତର ନାହାନ୍ତି। ଇନଚାର୍ଜ ପଦବୀ ମଧ ଖାଲି ପଡ଼ିଛି। ଜଣେ କଣ୍ଟ୍ରାକ୍ଟ ଡାକ୍ତରଙ୍କ ଦାୟିତ୍ୱରେ ଚାଲିଛି ମେଡିକାଲ। ଚରମ ଅବ୍ୟବସ୍ଥାରେ ଡାକ୍ତରଖାନା ପରିଚାଳିତ। ବହୁ ଷ୍ଟାଫ୍ ଏଠାରେ ରହନ୍ତି ନାହିଁ। ବର୍ତ୍ତମାନ ବର୍ଷା ଋତୁ ଚାଲିଥିବାରୁ ମ୍ୟାଲେରିଆ ଓ ଡେଙ୍ଗୁ ରୋଗ ବ୍ୟାପିବା ଆଶଙ୍କା ଅଧିକ। ଏଠାରେ ଡେଙ୍ଗୁ ରୋଗୀ ପ୍ରତ୍ୟେକ ବର୍ଷ ଦେଖାଯାଏ ଏବଂ ମ୍ୟାଲେରିଆ ପ୍ରବଣ ଅଞ୍ଚଳ। ଡେଙ୍ଗୁ, ମ୍ୟାଲେଣିଆ ସଚେତନ ପ୍ରହସନ ମାତ୍ର। କୌଣସି ଜନସାଧାରଣ, ପଞ୍ଚାୟତ ମେମ୍ବର ଏ ସମ୍ପର୍କରେ ଅନଭିଜ୍ଞ। ଡେଙ୍ଗୁ ସଚେତନ ସଭାରେ କୌଣସି ମିଡ଼ିଆକୁ ମଧ କୁହାଯାଇନାହିଁ। କିପରି ସଚେତନ ବାର୍ତ୍ତା ଜନତାଙ୍କ ପାଖରେ ପହଞ୍ଚି ତାହା ବିଭାଗୀୟ ଉଚ୍ଚ ପଦାଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି। ସ୍ୱାସ୍ଥ୍ୟବିଭାଗ ଦୃଷ୍ଟି ଦେଇ କିପରି ସଚେତନ କରାଯିବ ପଦକ୍ଷେପ ନେଲେ ଜନସାଧାରଣ ଉପକୃତ ହୋଇ ଡେଙ୍ଗୁ ରୋଗରୁ ମୁକ୍ତ ହୋଇପାରିବେ। ସୂଚନାଯୋଗ୍ୟ, କାଶୀନଗର ଡାକ୍ତରଖାନା ଚତୁଃପାର୍ଶ୍ୱ କୁଣ୍ଡ, ଟିଣ ଓ ଭଙ୍ଗା ପାତ୍ରରେ ପାଣି ଜମି ରହିଛି। ଯାହାକି ଡେଙ୍ଗୁ ମଶା ବାସ କରିପାରିବେ। ସ୍ୱାସ୍ଥ୍ୟକେନ୍ଦ୍ର ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ମଧ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଯୁବ ବିଜେଡି ନେତାଙ୍କ ପରଲୋକ

ହିଞ୍ଜିଳିକାଟୁ,୨୭।୭(ଡି.ଏନ.ଏ.): ହିଞ୍ଜିଳିକାଟୁ ପୌରାଞ୍ଚଳ ଯୁବ ବିଜେଡି ସାଧାରଣ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ଗୌଡଙ୍କ ବୁଧବାର ପରଲୋକ ଘଟିଛି। ସେ ଅସୁସ୍ଥ ଥିବାରୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ହିଞ୍ଜିଳିକାଟୁ ବିଜେଡି ଓ ଯୁବ ମହଲରେ ଶୋକର ଛାୟା ଖେଳିଯାଇଛି।

# ଦୋଳାରେ ନଦୀ ପାର ହେଲେ ଗର୍ଭବତୀ

## ପାତ୍ରପୁର ବ୍ଲକରେ ପୁଣି ଜନନୀ ଯନ୍ତ୍ରଣା

ପାତ୍ରପୁର,୨୭।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଆଦିବାସୀ ଇଲାକାରେ ପୁଣି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ଗାଁକୁ ଭଲ ରାସ୍ତା ନ ଥିବାରୁ ବ୍ଲକର ବୁରାତାଲ ପଞ୍ଚାୟତ କୁସମଳାରେ ପୁଣି ଜଣେ ଗର୍ଭବତୀଙ୍କୁ ଦୋଳା ସାହାର୍ଯ୍ୟରେ ନଦୀ ପାର କରାଯାଇଛି। କୁସମଳା ଗ୍ରାମର କାମରାଜୁ ଶବରଙ୍କ ସ୍ତ୍ରୀ ଗୀତାଙ୍କୁ ଗର୍ଭ ବେଦନା ହୋଇଥିଲା। ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଡାକ୍ତରଖାନ ନେବା ପାଇଁ ପୂର୍ବତନ ୱାର୍ଡ ସଭ୍ୟ ଶନିଆଁ କାର୍ଜିଙ୍କୁ ଜଣାଇଥିଲେ। ଏ ନେଇ ୱାର୍ଡସଭ୍ୟ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ଉକ୍ତ ଗାଁକୁ ଭଲ ରାସ୍ତା ନ ଥିବା ବେଳେ ସେଠାକୁ ଯିବାକୁ ହେଲେ ୪୫ କିମି ଦୂରତା ପଡୁଥିଲା। ଏଥିପାଇଁ ଆମ୍ବୁଲାନ୍ସ କର୍ମଚାରୀମାନେ ମନା କରିଥିଲେ। ପରେ ବିଭାଗ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଆନ୍ଧ୍ରର କୁରୁଡାଲ ପହଞ୍ଚିଥିଲେ। ପରିବାର ଲୋକେ ଗର୍ଭବତୀଙ୍କୁ ଦୋଳା କରି ଗ୍ରାମରୁ ମହେନ୍ଦ୍ର ତନୟା ନଦୀ ପାରକରି କୁରୁଡାଲ ପହଞ୍ଚାଇ ଥିଲେ।


ଗର୍ଭବତୀଙ୍କୁ ଦୋଳାରେ ନିଆଯାଉଛି।

ସେଠାରୁ ଆମ୍ବୁଲାନ୍ସ ଯୋଗ ଗର୍ଭବତୀଙ୍କୁ ପାତ୍ରପୁର ଡାକ୍ତରଖାନା ନିଆଯାଇଥିଲା। ପ୍ରକାଶ ଥାଉକି, ଗତ ସପ୍ତାହରେ ଜଣେ ଗର୍ଭବତୀଙ୍କୁ ଦୋଳା ଓ ପରେ ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଲା ବେଳେ ରାସ୍ତାରେ ସନ୍ତାନ ପ୍ରସବ ହେଇଥିଲା।

# କାର୍ଯ୍ୟ ଶେଷ ଅବଧି ଜଣାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ୩୦ନଂ. ରାଜ୍ୟ ରାଜପଥ ସମ୍ପ୍ରସାରଣ ପ୍ରସଙ୍ଗ

କବିସୂର୍ଯ୍ୟନଗର,୨୭।୭(ଡି.ଏନ୍.ଏ.)

କବିସୂର୍ଯ୍ୟନଗର ଏନ୍ଏସିର ଜନଗହଳି ପୂର୍ଣ୍ଣ ମୁଖ୍ୟରାସ୍ତା ୯୪୬ ମିଟର ଏଯାଏ ସମ୍ପ୍ରସାରଣ ହୋଇପାରିନାହିଁ। ଗୋଟିଏ ପାର୍ଶ୍ୱରେ ଅଟୋଷ୍ଟମାଣ୍ଡ ଓ ଅନ୍ୟପଟେ ମାଳ ମାଳ ବାଇକ୍, ସାଇକେଲ ଓ ଉଠାଦୋକାନ ଯୋଗୁ ଯାତାୟାତରେ ସମସ୍ୟା ଉପୁଜୁଛି। ଆମ୍ବୁଲାନ୍ସ ଓ ସ୍କୁଲ ଛାତ୍ରୀଛାତ୍ର ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ଯାଉଛନ୍ତି। ବୁଢ଼ାମ୍ବଠାରୁ ଆସିକା କଇଫୁଲିଆ ଛକ ପର୍ଯ୍ୟନ୍ତ ସମ୍ପ୍ରସାରଣ ଲାଗି ୪୩କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ସାରିଥିଲେ ସୁଦ୍ଧା କବିସୂର୍ଯ୍ୟନଗର ଜନଗହଳିପୂର୍ଣ୍ଣ ୯୪୬ମିଟର ପୂର୍ତ୍ତ ବିଭାଗ ଛାଡି ଦେବା ଉଦବେଗର କାରଣ ହୋଇଛି। ଭ୍ରଷ୍ଟାଚାର ବିରୋଧୀ ମଞ୍ଚ ସଭାପତିଙ୍କ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। କବିସୂର୍ଯ୍ୟନଗର ମର୍ଦ୍ଦରାଜ ହାଇସ୍କୁଲଠାରୁ ବିଦ୍ୟୁତ ବିଭାଗ ଜାତୀୟ ରାଜପଥ ୩୦କୁ ୭୫ଫୁଟ ୬ ଇଞ୍ଚ ଓସାର ପରିବର୍ତ୍ତେ କ୍ଷତିଗ୍ରସ୍ତ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏବେ ମୋଟ ୬୦ଫୁଟ ଓସାର ଲାଗି ଧାର୍ଯ୍ୟ ହୋଇଛି। ତେବେ କାର୍ଯ୍ୟରେ ବିଳମ୍ବ ହେତୁ ଲୋକେ ହଇରାଣ ହେଉଛନ୍ତି। ୯୪୬ମିଟର ରାସ୍ତାର ବହୁ ଅଂଶ ଜବରଦଖଲରେ ରହିଥିବା ପ୍ରସଙ୍ଗରେ ରୁଜୁ ମାମଲାରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ ଜବାବ ଦାଖଲ ହୋଇଛି। ପ୍ରଭାତ କୁମାର ସାମଲ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ହୋଇଥିବା ଜନସ୍ୱାର୍ଥ ଆବେଦନର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ. ମୁରଲୀଧର ଓ ବିଚାରପତି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକଙ୍କ ଖଣ୍ଡପୀଠ ଏହି ରାସ୍ତା କେବେ ସୁଦ୍ଧା ସରିବ ତାହା ସତ୍ୟପାଠ ଜରିଆରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରାଫିକ ସମସ୍ୟା ଗୁରୁତର ହେବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ୪ଲେନ ବିଶିଷ୍ଟ କରିବା ପାଇଁ ପଦକ୍ଷେପ ନ ନେବା ଅଭିଯୋଗ ହୋଇଥିଲା। ହାଇକୋର୍ଟରେ ଅଭିଯୋଗ ପରେ ଡିପିଆର ପ୍ରସ୍ତୁତ ହୋଇ ପ୍ରଶାସନିକ ଅନୁମୋଦନ ପାଇ ଯାଇଛି। ରାସ୍ତା ପାର୍ଶ୍ୱରେ ବହୁ ଘରୋଇ ଜାଗା ଥିବାରୁ ଏହାକୁ ସିଧାସଳଖ କ୍ରୟ କରିବା ପାଇଁ ପ୍ରସ୍ତାବ ରହିଛି। ତେବେ କେବେ ସୁଦ୍ଧା କାମ ଆରମ୍ଭ ଓ ଶେଷ ହେବ କିଛି ଜଣାଇ ନ ଥିବାରୁ ହାଇକୋର୍ଟ ଖଣ୍ଡପୀଠ ଜରିଆରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୨୮କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି। ମାମଲାରେ ରାଜ୍ୟ ସରକାର, ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ, ଗଞ୍ଜାମ ଜିଲାପାଳ ଓ ଭଞ୍ଜନଗର ପୂର୍ତ୍ତ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ବିଦ୍ୟୁତ୍ ବିଲ୍ ଆଦାୟ ତାଲିମ

ବଲସକୁମ୍ପା,୨୭।୭

ଟାଟା ପାୱାର ଦକ୍ଷିଣ ଓଡ଼ିଶା ବିତରଣ କମ୍ପାନୀ ଲିମିଟେଡ୍ ପକ୍ଷରୁ କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଅଧିନସ୍ଥ ସ୍ଥାନୀୟ ସାଉଥକୋ କାର୍ଯ୍ୟାଳୟ ଠାରେ ବୁଧବାର ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଲ୍ ଆଦାୟ କର୍ମଚାରୀଙ୍କ ଏକ ଦିନିକିଆ ତାଲିମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖଜୁରୀପଡ଼ାର ସମସ୍ତ ପଞ୍ଚାୟତର କାର୍ଯ୍ୟରତ ୨୪ ଜଣ ବିଦ୍ୟୁତ କଲେକ୍ସନ କର୍ମଚାରୀ ଯୋଗ ଦେଇଥିବା ବେଳେ ତାଲିମଦାତା ଭାବେ ବିଭାଗର ସହକାରୀ ଯନ୍ତ୍ରୀ ସୁବାଷ ବିଶ୍ୱାଳ, ଏଚଓଜି ଅନିରୁଦ୍ଧ ହାଜର, ବିଦ୍ୟୁତ ବିଲ ଆଦାୟର ମୁଖ୍ୟ ପରେଶ ପଟ୍ଟନାୟକ, ଆରପିଓ ରାଜେଶ ଦାସ ପ୍ରମୁଖ ତାଲିମ


ବିଦ୍ୟୁତ ବିଲ୍ ଆଦାୟ ତାଲିମ

ପ୍ରଦାନ କରିଥିଲେ। ବିଲ ଆଦାୟ କରିବା ପୂର୍ବରୁ ବିଦ୍ୟୁତ ଉପଭୋକ୍ତାଙ୍କ ସହିତ ଅତି ଉତ୍ତମ ଭାବେ କଥାବାର୍ତ୍ତା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାହାରି ସହିତ କୌଣସି ଯୁକ୍ତିତର୍କ କରିବା ଭଲ ନୁହେଁ ବୋଲି ବୁଝାଇଥିବା ବେଳେ ସବୁବେଳେ ଶୃଙ୍ଖଳା ରକ୍ଷା କରିବା ଓ କାର୍ଯ୍ୟାଳୟର ନିୟମ ମାନି ଚଳିଲେ ନିଜ କର୍ତ୍ତବ୍ୟରେ କୌଣସି ଭୁଲ ହେବନାହିଁ ବୋଲି ବିଶ୍ୱାଳ ପରାମର୍ଶ ଦେଇଥିଲେ।

### ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୨୭।୭(ଡି.ଏନ୍.ଏ)

ଶିକ୍ଷିତ ବେକାର ଯୁବକ ଯୁବତୀଙ୍କ ଦକ୍ଷତା ବୃଦ୍ଧି କରିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଓ ବିଜ୍ଞାନ ଭାରତୀ ସୋସାଇଟିର ମିଳିତ ଆନୁକୂଲ୍ୟରେ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିର ବେତାଗୁଡାଠାରେ ବୁଧବାର ଦକ୍ଷତା ବିକାଶ କେନ୍ଦ୍ର ଉଦଘାଟନ କରିଛନ୍ତି ଜିଲାପାଳ ଲିଙ୍ଗରାଜ ପଣ୍ଡା। ବହୁ ବର୍ଷ ହେଲା କୋଠା ନିର୍ମାଣ ସରିଥିଲେ ମଧ ବୁଧବାର ଉଦଘାଟନ ହୋଇଛି। ଏହାର ସୁବିନିଯୋଗ କରିବାକୁ କହିଛନ୍ତି ଜିଲାପାଳ। ଏହି ଉଦଘାଟନ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ଜି.ତିରୁପତି ରାଓ, ଅତିରିକ୍ତ ଜିଲାପାଳ ସଂଗ୍ରାମ ପଣ୍ଡା ଓ ବିଜ୍ଞାନ ଭାରତୀ ଅନୁଷ୍ଠାନର ନିର୍ଦ୍ଦେଶକ ରୂପେଶ ପାଣିଗ୍ରାହୀଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ବଲସକୁମ୍ପା,୨୭।୭

ଖଜୁରିପଡା ବ୍ଲକ ସୁଦ୍ରେକୁ ପଞ୍ଚାୟତ କ୍ରାଣ୍ଡି ମାସ୍କା ନିକଟରେ ଏକ ଗାଡି ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ସୁଦ୍ରକୁମ୍ପାର ଜାନମେଣି ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କାର୍ଯ୍ୟରେ ସୁପରଭାଇଜର ଭାବେ କାମ କରନ୍ତି ଦୂତିପଡ଼ାର ସୁବାସ ସାହୁ। ସେ କାମସାରି ନିଜ ଗାଁକୁ ବାଇକ (ନଂ ଓଆର୧୦ଡି୯୬୨୩)ରେ ଫେରୁଥିବା ବେଳେ କ୍ରାଣ୍ଡିମାସ୍କା ନିକଟର ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସଦର ଥାନା ଏସଆଇ ସୁଶୀଲ କୁମାର ପଟ୍ଟନାୟକ, ଏଏସଆଇ ଯୁଗଳ କିଶୋର ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ କେସ ନଂ ୧୧୪/୨୨ ଏକ ମାମଲା ରୁଜୁ କରିଛି।

# ଭୀଷ୍ମଗିରି ଉନ୍ନୟନ ପରିଷଦ ପୁନର୍ଗଠିତ

ଦିଗପହଣ୍ଡି,୨୭।୭(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭୀଷ୍ମଗିରି ପଞ୍ଚାୟତର ବିକାଶ ଲକ୍ଷ୍ୟ ନେଇ ଗଠିତ ହୋଇଥିବା ଭୀଷ୍ମଗିରି ଉନ୍ନୟନ ପରିଷଦକୁ ପୁନର୍ଗଠନ କରାଯାଇଛି। ଗୋବିନ୍ଦ ପ୍ରଧାନ ସ୍ମୃତି ସଂସଦ ଠାରେ ପ୍ରଶାନ୍ତ କୁମାର ପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରୀ ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇ ସଭାପତି ଭାବେ ପ୍ରଶାନ୍ତ କୁମାର ପାଠୀ, ଉପସଭାପତି ପ୍ରକାଶ ଚନ୍ଦ୍ର ଗୌଡ, ସମ୍ପାଦକ ବୃନ୍ଦାବନ ପଣ୍ଡା, ସହସମ୍ପାଦକ ସୀମାଞ୍ଚଳ ଗୌଡ ଏବଂ କୋଷାଧକ୍ଷ ଭାବେ ତ୍ରିନାଥ ବେହେରାଙ୍କୁ ଚୟନ କରାଯାଇଥିଲା। ଛେଳିଗଡ ଜଳସେଚନ ଯୋଜନାର ତଦାରଖ ପାଇଁ ଏକ ଉପକମିଟି ଗଠନ କରାଯାଇ ରାଜେନ୍ଦ୍ର ପ୍ରସାଦ ପାଠୀଙ୍କୁ କମିଟି ଅଧକ୍ଷ ରଖାଯାଇଥିବା ବେଳେ ଶିକ୍ଷା କମିଟି ଅଧକ୍ଷ ଭାବେ ରମେଶ ଚନ୍ଦ୍ର ପାଠୀ, ସ୍ୱାସ୍ଥ୍ୟ ଓ ପରିମଳ ତଦାରଖ କମିଟି ଅଧକ୍ଷ ଏ. ନାରସୁ, ପାନୀୟ ଜଳ ଯୋଗାଣ କମିଟି ଅଧକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି ଏବଂ ଯୁବ ବିଭାଗ ଅଧକ୍ଷ ଭାବେ ମୃତ୍ୟୁଞ୍ଜୟ ପଣ୍ଡାଙ୍କୁ ରଖାଯାଇଛି। ସେହିଭଳି ପୀତାମ୍ବର ଗୌଡ, ବାଳକୃଷ୍ଣ ପଣ୍ଡା, ପ୍ରକାଶ ସେଠୀ, ଏନ୍. ମଙ୍ଗଳା, ଅମୁଲ୍ୟ କୁମାରୀ ଦାସ, ଅଶୋକ କୁମାର ନାୟକ, ବି.ଅନନ୍ତ ରେଡ଼ି, ସନ୍ତୋଷ ପଟ୍ଟନାୟକ, ଯଜ୍ଞ ନାରାୟଣ ପାଠୀ, ସନ୍ତୋଷ ଗୌଡ, ଅଚ୍ୟୁତାନନ୍ଦ ପଣ୍ଡା ଏବଂ ଗୀତାଞ୍ଜଳି ପଣ୍ଡାଙ୍କୁ ବିଭିନ୍ନ କମିଟିର ସଦସ୍ୟ ଭାବେ ଚୟନ କରାଯାଇଥିବା ଜଣାପଡିଛି।

# ଟ୍ରାନ୍ସଜେଣ୍ଡର ସଶକ୍ତୀକରଣ ଉପରେ କର୍ମଶାଳା

ବାଲିଗୁଡ଼ା(ଡି.ଏନ୍.ଏ.)/ଫୁଲବାଣୀ ଅଫିସ, ୨୭।୭

ବାଲିଗୁଡା ପଞ୍ଚାୟତ ସମିତି ବୈଠକ ଗୃହରେ ସରକାରଙ୍କ ବିଭିନ୍ନ ଗରୀବ ଦୂରୀକରଣ ଯୋଜନା ଓ ଟ୍ରାନ୍ସଜେଣ୍ଡର ସଶକ୍ତୀକରଣ କାର୍ଯ୍ୟକ୍ରମ 'ସ୍ୱୀକୃତୀ' ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ଏଥିରେ ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷା ମିସାବତି ମଲ୍ଲିକ, ଉପାଧକ୍ଷା ନିକଜିନି ଦିଗାଲ, ବନବାସୀ ଅନୁଷ୍ଠାନର ଉପ ସଂପାଦକ ରବିନ୍ଦ୍ର ପଣ୍ଡା, ଶାନ୍ତି ମୈତ୍ରିର ମୁଖ୍ୟ ଭଗବାନ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ କିନ୍ନର ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ


ସ୍ୱୀକୃତୀ' ଯୋଜନା ତରଫରୁ ପ୍ରୋତ୍ସାହନ ରାଶି ପ୍ରଦାନ।

କରିବାକୁ ହେଲେ ସବୁ ସ୍ତରରେ ବାଛ ବିଚାରକୁ ପଛରେ ପକାଇବାକୁ ହେବ। ସରକାରଙ୍କ ସମସ୍ତ ସୁବିଧା ହାସଲ କରି ଜୀବନ ଜୀବୀକା ସୁଦୃଢ କରିବାକୁ ହେବ ବୋଲି କହିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିନେସ କୁମାର କହଁର ଉପସ୍ଥିତ ରହି ବିଭିନ୍ନ ଯୋଜନା ତଥା ସାମାଜିକ ସୁରକ୍ଷାରେ ହିତାଧିକାରୀ କିଭଳି ପେନସନ, ପ୍ରୋତ୍ସାହନ ଓ ସ୍ୱୀକୃତି ଯୋଜନା ସହ ଯୋଡି ହେବେ ତାହା ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତ ଅଧିକାରୀ ଅମରେଶ ରଥ ନବ ନିର୍ବାଚିତ ପ୍ରତିନିଧି ପଲ୍ଲି ଓ ଗ୍ରାମ ସଭାରେ କିନ୍ନର ମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରିବା, ଏମଜିଏନଆରଇଜିଏସ୍, ଜଳ ଯୋଗାଣ, ଓଡିଶା ଜୀବିକା ମିଶନ ଭଳି ସବୁ କ୍ଷେତ୍ରରେ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶୀତା ରଣା, ପୁର୍ଣ୍ଣଚନ୍ଦ୍ର ବଡତିଆ, କିନ୍ନର ବିଷ୍ଣୁପ୍ରିୟା, ମନିଶା, ସ୍ୱପ୍ନା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବାଲିଗୁଡାର ୬ଜଣ କିନ୍ନର ବଂଶୀ, ରୋହିତ, ବିନାୟକ, ପ୍ରଦ୍ୟୁମ୍ନ, ଦିଲେଶ୍ୱର ଓ ଦିଲୀପଙ୍କୁ 'ସ୍ୱୀକୃତୀ' ଯୋଜନା ତରଫରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା ।

# ଜିଲାସ୍ତରୀୟ ଶିଶୁ ସୁରକ୍ଷା ଖସଡ଼ା ଉପସ୍ଥାପନ

ଛତ୍ରପୁର,୨୭।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲାସ୍ତରୀୟ ଶିଶୁ ସୁରକ୍ଷା ଖସଡା ଉପସ୍ଥାପନ କାର୍ଯ୍ୟକ୍ରମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ କୌଣସି ବି ଶିଶୁ ଯେପରି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ନ ହୁଏ ସେ ଦିଗରେ ସମସ୍ତ ପଦାଧିକାରୀ ନଜର ରଖିବା ସହ ଶିଶୁଙ୍କ ନିମନ୍ତେ ରହିଥିବା ସମସ୍ତ ଆଇନଗତ ବ୍ୟବସ୍ଥା ଦିଗରେ ଧ୍ୟାନ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ନେଇ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ନୂତନ ଭାବେ କାର୍ଯ୍ୟକାରୀ ହେବାକୁଥିବା ମିଶନ ବାତ୍ସଲ୍ୟ ବିଷୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଏକ ମଡେଲ ଶିଶୁ ସୁରକ୍ଷା ଖସଡାକୁ ପରାମର୍ଶଦାତା ଅଜୟ କୁମାର ତ୍ରିପାଠୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭି. କୀର୍ତି ଭାସନ, ଜିଲା ସମାଜ ମଙ୍ଗଳ ଅଧିକାରୀ ସାଧନ ଚନ୍ଦ୍ର ଦାସ, ଜିଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାଶ, ଶିଶୁ ସୁରକ୍ଷା ସଦସ୍ୟା ସା.ଏଚ. ଜ୍ୟୋତି କୁମାରୀ, ଜେଜେବି ସଦସ୍ୟ ବିଭୁ ପ୍ରସାଦ ସାମନ୍ତ ରାୟ, ଅମୀୟ କୁମାର ତ୍ରିପାଠୀ, ଅଳକା ମିଶ୍ର, ସୁରକ୍ଷା ଅଧିକାରୀ ଶରତ ଚନ୍ଦ୍ର ମହାରଣା, ସୁଶାନ୍ତ କୁମାର ସାହୁ, ସୁଦାମ ପାଣିଗ୍ରାହୀ, ସୁଜିତ କୁମାର ସାହୁ, ଶିବ ପ୍ରସାଦ ରଥ, ସି. ଆର୍. ଏସ.ର ସଂଯୋଜକ ମନୋରଞ୍ଜନ ଦାଶ, ଅରୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଆଇ.ଏସ.ଆର୍.ଡି., ୱା.ଏସ.ଡି., ଲିପିକା, ଜି.ପି.ଏସ.ଏସ., କାର୍ଡ, ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ, ଆକ୍ସନ ଏଡର ଜିଲା ସଂଯୋଜକ ଦେବବ୍ରତ ମାହୁନ୍ତ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ ।

### ମହିଳାଙ୍କ ଆତ୍ମହତ୍ୟା ଘଟଣା, ସ୍ୱାମୀ ଗିରଫ

ବୁଗୁଡା,୨୭।୭(ଡି.ଏନ୍.ଏ.)

ବୁଗୁଡ଼ା ଥାନା ବାଲିପଦର ଗ୍ରାମରେ ଜଣେ ବିବାହିତା ମହିଳା ବାପ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଘଟଣାରେ ବୁଗୁଡା ପୋଲିସ ବୁଧବାର ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ସ୍ୱାମୀ ହେଲେ ବିରୁପାକ୍ଷ ମହାରଣା। ପ୍ରକାଶ ଯେ, ବାଲିପଦର ଶତପଥୀ କଲୋନୀର ସନ୍ୟାସୀ ମହାରଣାଙ୍କ ଏକ ମାତ୍ର ଝିଅ ମାମା ମହାରଣା (୨୨) ଗତ ଦୁଇ ବର୍ଷ ତଳେ ଆସ୍କା କଲେଜ ଛକରେ ରହୁଥିବା ବିଜୟ ମହାରଣାଙ୍କ ପୁଅ ବିରୁପାକ୍ଷ ମହାରଣାଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ମାମାଙ୍କୁ ଶାଶୂଘର ଲୋକେ ନିର୍ଯାତନା ଦେଉଥିବାରୁ ମାମା ଅଧିକାଂଶ ସମୟରେ ବାପଘରକୁ ଚାଲି ଆସୁଥିଲେ ଏବଂ ପରେ ଆପୋଷ ଆଲୋଚନା ହୋଇ ଶାଶୂଘରକୁ ଫେରୁଥିଲେ। ତେବେ ମାମା ଗତ ପ୍ରାୟ ୨୫ ଦିନ ହେଲା ବାପଘରେ ଆସି ରହୁଥିଲେ। ମଙ୍ଗଳବାର ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ଏବଂ ଏହାକୁ ସହି ନପାରି ମାମା ବେକରେ ରଶି ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ ନଂ ୪୦୪/୨୨ ରେ ଏକ ମାମଲା ରୁଜୁ କରିଥିଲା।

### ଆନ୍ତର୍ଜାତିକ ମାନବଧିକାର ରକ୍ଷକ କର୍ଯ୍ୟାଳୟ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୨୭।୭(ଡି.ଏନ୍.ଏ)

ଗଜପତି ଜିଲାର ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଆନ୍ତର୍ଜାତିକ ମାନବାଧିକାର ରକ୍ଷକ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଏହି ଅବସରରେ ପାରଳାଖେମୁଣ୍ଡି ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଆନ୍ତର୍ଜାତିକ ମାନବାଧିକାର ରକ୍ଷକର ରାଜ୍ୟ ଚେୟାରମେନ ମୀନକେତନ ପଟନାୟକ ଯୋଗଦେଇ କହିଥିଲେ ଯେ ଆଗାମୀ ଦିନରେ ସଂସ୍ଥା ପକ୍ଷରୁ ଆମ୍ବୁଲାନ୍ସ ସର୍ଭିସ, ଅନାଥ ପିଲାମାନଙ୍କ ରହିବା ପାଇଁ ଘର ନିର୍ମାଣ କରାଯିବ। ଆନ୍ତର୍ଜାତିକ ମାନବାଧିକାର ରକ୍ଷକର ଜିଲା ସଭାପତି ରଞ୍ଜନ ମହାପାତ୍ର, ମହିଳା ସଭାନେତ୍ରୀ ତନୁଜା ଶତପଥୀ, ଉପସଭାପତି ନରସିଂହ ମାଳ ବିଷୋୟୀ, ସମ୍ପାଦକ ହିମାଂଶୁ ଲିମ୍ମା ପ୍ରମୁଖ ଉଦବୋଧନ ଦେଇ କହିଥିଲେ ଯେ ଯାହାର କେହି ସାହାଭରସା ନାହିଁ ତାଙ୍କୁ ଏହି ଆନ୍ତର୍ଜାତିକ ମାନବାଧିକାର ରକ୍ଷକ ମାନେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇବ।



ମାନବାଧିକାର ରକ୍ଷକର ରାଜ୍ୟ ଚେୟାରମେନ ମୀନକେତନ ଓ ଅନ୍ୟମାନେ।

